

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୩ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 MAY 2021

Vol.No. 32 ■ No. 121 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ଅପେକ୍ଷାରେ

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସାଧୁସନ୍ଥ, ଭିକାରୀ, କଏଦୀ ଓ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ହେବ ଟିକାକରଣ : ପରିଚୟପତ୍ର ନଥିଲେ ବି ନେଇପାରିବେ ଟିକା

ଭୁବନେଶ୍ୱର,୧୨/୦୫(ନି.ପ୍ର): ରାଜ୍ୟରେ ସାଧୁସନ୍ଥ, ଭିକାରୀ, କଏଦୀ, ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ପାଖରେ କୌଣସି ପରିଚୟ ପତ୍ର ନଥିବାରୁ ଏମାନଙ୍କ ଟିକାକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ । ପରିଚୟ ପତ୍ର ନଥିଲେ ବି ଏମାନେ ସ୍ୱତନ୍ତ୍ର ଟିକା ଅଭିଯାନରେ ସାମିଲ ହୋଇପାରିବେ । କୋ-ୱିନ ପୋର୍ଟାଲରେ ହେବ ସ୍ୱତନ୍ତ୍ର ଅଧିବେଶନ । ସେଥିଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଓ ମ୍ୟୁନିସପାଲ କମିଶନଙ୍କୁ ଚିଠି ଲେଖିଛନ୍ତ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଆଶଙ୍କା

ଭୁବନେଶ୍ୱର,୧୨/୦୫(ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ବର୍ଷା ସହ ବଜ୍ରପାତ ଆଶଙ୍କା କରାଯାଉଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ରହିବ ବୋଲି ପୂର୍ବାନୁମାନ ହୋଇଛି । ଏହି ଦୁଇ ଜିଲ୍ଲା ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, ଗଜପତି, କନ୍ଧମାଳ ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ଘଣ୍ଟା ପ୍ରତି ପବନର ବେଗ ୩୦ରୁ ୪୦ କିଲୋମିଟର ରହିବାକୁ ଥିବା ବେଳେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ଭୟ କଲେ ବଢିବ କରୋନା

ଭୁବନେଶ୍ୱର,୧୨/୦୫(ନି.ପ୍ର): ଭୟ କଲେ କରୋନା ବଢ଼ିବ। କରୋନାରେ ସଂକ୍ରମିତ ହୋଇଥିବା ବ୍ୟକ୍ତି ଯେତେ ଡ଼ରିବେ ସେତେ ରୋଗ ବଢିବ ଓ ଅଧିକ ଆକ୍ରାନ୍ତ କରିବ। ଭୟ ବଢିଲେ ଶରୀରର ରୋଗ ପ୍ରତିରୋଧକ ▶▶ପୃଷ୍ଠା ୭

ମୋଦିଙ୍କୁ ୧୨ ଦଳର ନେତା ଲେଖିଲେ ଚିଠି

ମାଗଣାରେ ଟିକାକରଣ ସହ ଦେଲେ ୯ଟି ପରାମର୍ଶ

ନୂଆଦିଲ୍ଲୀ,୧୨/୦୫ (ନି.ପ୍ର): କରୋନାରେ ସାରା ଦେଶ ସମସ୍ୟା ଦେଇ ଗତି କରୁଥିବା ବେଳେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ୧୨ଟି ଦଳର ନେତା । ଚିଠିରେ ବିରୋଧୀ ଦଳର ନେତାମାନେ ନରେନ୍ଦ୍ର ମୋଦିଙ୍କୁ ୯ଟି ପରାମର୍ଶ ଦେଇଛନ୍ତି । ସାରା ଦେଶରେ ଚାଲିଥିବା ଟିକାକରଣକୁ ମାଗଣା କରିବା ପାଇଁ ଚିଠିରେ ଦାବି କରିଛନ୍ତି । ସେହିପରି ଟିକା ଉତ୍ପାଦନକୁ ବଢାଇବା ପାଇଁ ଟିକା ଲାଇସେନ୍ସ ହଟାଇବାକୁ ପରାମର୍ଶ ଦିଆଯାଇଛି । ଏହାଛଡା ଟିକାକରଣ ପାଇଁ ୩୫ ହଜାର କୋଟି ଟଙ୍କା ଆବଣ୍ଟିତ କରିବାକୁ ଚିଠିରେ ଲେଖାଯାଇଛି । ଘରୋଇ ସ୍ତରରେ ଟିକା ଉତ୍ପାଦନ ବଢାଇବା ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେବା ସହ ଚିଠିରେ ବିରୋଧ ଦଳ ନେତା ଲେଖିଛନ୍ତି, କେନ୍ଦ୍ର ସରକାର ନିର୍ମାଣ କରୁଥିବା ସେଂଟ୍ରାଲ ଭିଷ୍ଟାର ନିର୍ମାଣ କାମକୁ ବନ୍ଦ କରାଯାଉ । ଏବଂ ଏଥିରେ ଖର୍ଚ୍ଚ ହେବାକୁ ଥିବା ଟଙ୍କା ସ୍ୱାସ୍ଥ୍ୟ କ୍ଷେତ୍ରରେ ଲଗାଇବାକୁ ପରାମର୍ଶ ଦେଇଛନ୍ତି । ଏହାବାଦ୍ ବେକାରୀ ଯୁବକ-ଯୁବତୀଙ୍କୁ ୬ ହଜାର ଟଙ୍କା ପ୍ରତି ମାସକୁ ଦେବାକୁ ଦାବି କରିଛନ୍ତି । ସେହିଭଳି କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି । ଏହି ଚିଠିରେ ସୋନିଆ ଗାନ୍ଧୀ, ଅଖିଳେଶ ଯାଦବ, ଏମକେ ଷ୍ଟାଲିନ, ମମତା ବାନାର୍ଜୀଙ୍କ ହସ୍ତାକ୍ଷର ଥିବା ଜଣାପଡିଛି ।

ଦେଶରେ ପିଲାଙ୍କ ଉପରେ ହେବ କରୋନା ଟିକା ପରୀକ୍ଷା

୨ରୁ ୧୮ ବର୍ଷ ବୟସ୍କଙ୍କ ଉପରେ କୋଭାକ୍ସିନର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ପାଇଁ ଅନୁମତି ସୂଚନା

ଭୁବନେଶ୍ୱର,୧୨/୦୫(ନି.ପ୍ର): ପିଲାଙ୍କ ଉପରେ ହେବ କରୋନା ଟିକା ପରୀକ୍ଷା । କାନାଡାରେ ୧୨ରୁ ୧୮ ବର୍ଷ ବୟସ୍କ ଏବଂ ଆମେରିକାରେ ୧୨ରୁ ୧୫ ବର୍ଷ ବୟସ୍କଙ୍କ ପାଇଁ କରୋନା ଟିକାକରଣକୁ ଅନୁମତି ପ୍ରଦାନ କରାଯାଇଛି । ଏପଟେ କରୋନା ଦ୍ୱିତୀୟ ଲହରର ଦ୍ରୁତ ସଂକ୍ରମଣ ପିଲାଙ୍କୁ ସଂକ୍ରମିତ କରୁଥିବା ଖବର ଆସୁଛି । ପୁଣି ତୃତୀୟ ଲହର ବେଳକୁ ଏହା ୧୮ ବର୍ଷରୁ କମ୍ ବୟସ୍କଙ୍କୁ ଅଧିକ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ତେଣୁ ଦେଶରେ ୧୮ ବର୍ଷରୁ କମ ବୟସ୍କଙ୍କ ଟିକାକରଣ ଜରୁରୀ ହୋଇପଡିଛି । ଏତିକିବେଳେ ଦେଶୀ ଟିକା କୋଭାକ୍ସିନର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ପାଇଁ ଅନୁମତି ପ୍ରଦାନ କରାଯାଇଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ଟିକାକରଣ ସଂପର୍କିତ ସବଜେକ୍ଟ ଏକ୍ସପର୍ଟ କମିଟି ଏଥିଲାଗି ମଙ୍ଗଳବାର ଅନୁମତି ଦେଇଥିବା ଖବର ପ୍ରକାଶ କରିଛି ସମ୍ବାଦ ସରବରାହ ସଂସ୍ଥା ପିଟିଆଇ । ତେବେ ପୂର୍ବରୁ ଏହି କମିଟି କୋଭାକ୍ସିନ ପ୍ରସ୍ତୁତ କରିଥିବା ଭାରତ ବାୟୋଟେକକୁ ଅଧିକ ତଥ୍ୟ ଦାଖଲ ପାଇଁ କହିଥିଲା । ଗତ ଫେବ୍ରୁଆରୀ ୨୪ ତାରିଖରେ ଏସଇସି ବୈଠକରେ ଭାରତ ବାୟୋଟେକକୁ ବିସ୍ତୃତ ପ୍ରଟୋକଲ ଦାଖଲ କରିବାକୁ କୁହାଯାଇଥିବାବେଳେ, ଏବେ ଶିଶୁ ଓ କିଶୋରଙ୍କ ଉପରେ ଟିକାର ପରୀକ୍ଷଣ ପାଇଁ ଅନୁମତି ଦିଆଯାଇଥିବା ଜଣାପଡିଛି ।

କରୋନା ମୁକାବିଲା ନେଇ ନବୀନଙ୍କ ସହ କଥା ହେଲ ଧର୍ମେନ୍ଦ୍ର

ଗାଁ ଓ ପୌରାଞ୍ଚଳରେ କୋଭିଡ୍ ମ୍ୟାନେଜମେଣ୍ଟ କମିଟି ପାଇଁ ପରାମର୍ଶ

ଭୁବନେଶ୍ୱର,୧୨/୦୫(ନି.ପ୍ର): କରୋନା ମୁକାବିଲା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥା ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗାଁ ଓ ପୌରାଂଚଳରେ କୋଭିଡ ମ୍ୟାନେଜମେଂଟ କମିଟି ପାଇଁ ପରାମର୍ଶ ଦେଇଛନ୍ତି ଧର୍ମେନ୍ଦ୍ର । ତୃଣମୂଳ ସ୍ତରରୁ କୋଭିଡ଼ ମୁକାବିଲା ନେଇ ଆଲୋଚନା ହୋଇଛି । ରାଜ୍ୟକୁ ସମସ୍ତ ସହାୟତା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । ସେହିପରି ଟିକା, ଟେଷ୍ଟିଂ ଓ ଆବଶ୍ୟକ ଔଷଧ ବିଷୟରେ ଆଲୋଚନା ହୋଇଛି । ରାଜ୍ୟରେ ସର୍ବଦଳୀୟ କୋଭିଡ଼ ପରିଚାଳନା କମିଟି ଗଠନ ପାଇଁ ପରାମର୍ଶ ଦେଇଛନ୍ତି ଧର୍ମେନ୍ଦ୍ର । କରୋନା ପାଇଁ ଆଗାମୀ ୧୫ ଦିନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବିଭିନ୍ନ ସ୍ତରରେ କରୋନା ପରିଚାଳନା ପାଇଁ ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯାଉ ବୋଲି ସେ କହିଛନ୍ତି । ଟିକାର ଆବଶ୍ୟକତା ବିଷୟରେ ଆଲୋଚନା ହୋଇଛି ।

ସୁପ୍ରିମକୋର୍ଟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ କରୋନା ପଜିଟିଭ

ନୂଆଦିଲ୍ଲୀ,୧୨/୦୫ (ନି.ପ୍ର): କରୋନା ଆକ୍ରାନ୍ତ ହେଲେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ । ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ସହ କାମ କରୁଥିବା ଜଣେ କର୍ମଚାରୀ ମଧ୍ୟ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଯଦିଓ ବିଚାରପତି ସୁସ୍ଥ ଅଛନ୍ତି, ତଥାପି ସୂତ୍ରରୁ ଜଣାପଡିଛି ଯେ, ବିଚାରପତିଙ୍କ ନେତୃତ୍ୱରେ ଗଠନ ହୋଇଥିବା ଖଣ୍ଡପୀଠ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ କୌଣସି ଶୁଣାଣି କରିବ ନାହିଁ । କୋଭିଡ-୧୯ ସଙ୍କଟ ସମ୍ପର୍କରେ ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଶୁଣାଣି କରୁଛି। ଆସନ୍ତାକାଲି ମଧ୍ୟ ଏହି ଶୁଣାଣି ହେବାର ଥିଲା। କିନ୍ତୁ ଜଷ୍ଟିସ ଚନ୍ଦ୍ରଚୂଡ଼ କରୋନା ଆକ୍ରାନ୍ତ ହେବା ପରେ ବିଚାରପତିଙ୍କ ଅନୁପସ୍ଥିତିରେ ଶୁଣାଣି ଅନ୍ୟ ତାରିଖ ପାଇଁ ସ୍ଥଗିତ ହେବାର ସମ୍ଭାବନା ରହିଛି । ଉଲ୍ଲେଖଯୋଗ୍ୟ, କରୋନା ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପରେ ଏବେ ଏହାକୁ ସମ୍ଭାଳିବା ଆରମ୍ଭ କରିଛନ୍ତି ସୁପ୍ରିମକୋର୍ଟ ।

ସଞ୍ଜୟ ସିଂହ ହେଲେ ବିଏମସି କମିଶନର

ଭୁବନେଶ୍ୱର,୧୨/୦୫ (ନି.ପ୍ର): ରାଜ୍ୟ ସରକାର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସ୍ତରରେ ଅଦଳ ବଦଳ କରିଛନ୍ତି । ବର୍ତମାନ ଭୁବନେଶ୍ୱର ମହାନଗର ନିଗମର କମିଶନର ଭାବେ ଥିବା ପ୍ରେମଚନ୍ଦ୍ର ଚୌଧୁରୀଙ୍କ ସ୍ଥାନରେ ୧୯୯୭ ବ୍ୟାଚର ଆଇଏଏସ ଅଫିସର ସଞ୍ଜୟ କୁମାର ସିଂହଙ୍କୁ ବିଏମସି କମିଶନର ଭାବେ ଅବସ୍ଥାପିତ କରା ଯାଇଛି । ବର୍ତମାନ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ସଚିବ ଥିବା ସଞ୍ଜୟ କୁମାର ସିଂହଙ୍କୁ ବିଏମସି କମିଶନର ସହ ବିଡିଏ ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ସେହିପରି ବିଡିଏ ଉପାଧ୍ୟକ୍ଷ ସହ ସ୍ମାର୍ଟ ସିଟି ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବର୍ତମାନ ବିଏମସି କମିଶନର ଥିବା ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ସାଧାରଣ ପ୍ରଶାସନ ବିଭାଗର ଓଏସଡି ଭାବେ ବଦଳି କରାଯାଇଛି । ସେହିପରି ବରିଷ୍ଠ ଆଇଏଏସ ହେମନ୍ତ ଶର୍ମାଙ୍କୁ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବିଷ୍ଣୁପଦ ସେଠୀଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ଡ଼.କ୍ରିଷନ କୁମାରଙ୍କୁ ଇଡ଼କୋ ସିଏମଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

ପରିଚୟପତ୍ର ନଥିଲେ ବି ମିଳିବ ଟିକା

ଭୁବନେଶ୍ୱର,୧୨/୦୫ (ନି.ପ୍ର): ଏଣିକି ପରିଚୟପତ୍ର ନଥିଲେ ମଧ୍ୟ ନେଇ ହେବ କରୋନା ଟିକା। ପରିଚୟପତ୍ର ନଥିବା ସାଧୁସନ୍ଥ, ଭିକାରୀ, କଏଦୀ, ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ପରିଚୟ ପତ୍ର ନଥିଲେ ବି ଏମାନେ ସ୍ୱତନ୍ତ୍ର ଟିକା ଅଭିଯାନରେ ସାମିଲ ହୋଇପାରିବେ। ସେଥିଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଓ ମ୍ୟୁନିସପାଲ କମିଶନରଙ୍କୁ ଚିଠି ଲେଖିଛନ୍ତି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର । ଚିଠିରେ ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି ଯେ ଟିକା ପାଇଁ ପଞ୍ଜିକରଣ କରିବାକୁ ହେଲେ ୭ଟି ପରିଚୟ ପତ୍ର ମଧ୍ୟରୁ ଗୋଟିଏ ଦେଖାଇବାକୁ ପଡୁଛି। ହେଲେ ରାଜ୍ୟରେ ଏମିତି ବହୁ ବର୍ଗର ଲୋକ ଅଛନ୍ତି, ଯେଉଁମାନଙ୍କ ନିକଟରେ ଏହି ପରିଚୟ ପତ୍ର ଗୁଡ଼ିକ ମଧ୍ୟରୁ କୌଣସିଟି ବି ନାହିଁ। କିନ୍ତୁ ସେମାନେ ବି କୋଭିଡ ସଂକ୍ରମିତ ହୋଇପାରନ୍ତି।ବିଭିନ୍ନ ଧର୍ମର ସାଧୁ, ସନ୍ଥ, ଯାଯାବର ଜୀବନ ବିତାଉଥିବା ନିରାଶ୍ରୟ, ଭିକାରୀ, ମାନସିକ ଚିକିତ୍ସା ଅନୁଷ୍ଠାନ ଏବଂ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କୁ ଏହି ବର୍ଗରେ ତାଲିକାଭୁକ୍ତ କରାଯାଇଛି। ଏହି ବର୍ଗର ୧୮ ବର୍ଷରୁ ଅଧିକ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଟିକାକରଣ ପ୍ରକ୍ରିୟାରେ ସାମିଲ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ଆଉ ଚଳିବନି ଆଇକାର୍ଡ

ଘରୋଇ ସଂସ୍ଥାର କର୍ମଚାରୀଙ୍କ ପାଇଁ ଅଥୋରାଇଜେସନ ଲେଟର ବାଧ୍ୟତାମୂଳକ କଲା କମିଶନରେଟ ପୋଲିସ

ଭୁବନେଶ୍ୱର,୧୨/୦୫(ନି.ପ୍ର): ଅମାନିଆଙ୍କ ଉପରେ କଠୋର ହେଲା ପୋଲିସ । ରାଜ୍ୟରେ କରୋନା ସଂକ୍ରମଣ ରୋକିବାକୁ ୧୪ ଦିନିଆ ଲକଡାଉନ ଘୋଷଣା କରାଯାଇଛି । ଏହି ସମୟରେ କେବଳ ଜରୁରୀ ସେବାରେ ନିୟୋଜିତ କର୍ମଚାରୀଙ୍କ ପାଇଁ କଟକଣା କୋହଳ କରାଯାଇଛି । ହେଲେ ଏହାର ଅନୁଚିତ ଫାଇଦା ଉଠାଇ କିଛି ଲୋକ ଅନାବଶ୍ୟକ ଭାବେ ବୁଲାବୁଲି କରୁଥିବା ଅଭିଯୋଗ ହେବା ପରେ ଅଧିକ ସତର୍କ ହୋଇଛି ପୋଲିସ । ଘରୋଇ କ୍ଷେତ୍ରରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ପରିଚୟପତ୍ର ସହ ଅଥୋରାଇଜେସନ ଲେଟର ଅର୍ଥାତ ଅନୁମତି ପତ୍ରକୁ ବାଧ୍ୟତାମୂଳକ କରିଛି ପୋଲିସ । ଅର୍ଥାତ ନିର୍ଦ୍ଦିଷ୍ଟ କର୍ମଚାରୀ କେଉଁ ସମୟରେ ଡ୍ୟୁଟିକୁ ଯିବ ତାର ସବିଶେଷ ସୂଚନା ପୋଲିସକୁ ଦେବେ କମ୍ପାନି । ଏଥିସହ ଏକ ଅନୁମତି ପତ୍ର ଜାରି କରିବେ । ଯାହାକୁ ସଂପୃକ୍ତ କର୍ମଚାରୀ ସାଙ୍ଗରେ ଧରି କାମରେ ଯୋଗ ଦେବାକୁ ଆସିବେ । ତେଣୁ ଏହି ଅନୁମତି ପତ୍ର ନଥିଲେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଇଛି କମିଶନରେଟ ପୋଲିସ ।

ମାଓ ସଂଗଠନରେ ୭ ମାଓବାଦୀ କରୋନାରେ ମୃତ

ଛତିଶଗଡ଼ ବିଜାପୁର ପାଲନାର ଜଙ୍ଗଲରୁ ଠାବ ହୋଇଥିବା ମାଓ ସାମଗ୍ରୀ ସହ ହାତ ଲେଖା ଚିଠିରୁ ସ୍ପଷ୍ଟ

ଭୁବନେଶ୍ୱର,୧୨/୦୫(ନି.ପ୍ର): ସତ ହେଲା ଛତିଶଗଡ଼ ପୋଲିସ ଆକଳନ । ମାଓ ସଂଗଠନରେ ୭ଜଣ ମାଓବାଦୀ କରୋନାରେ ପ୍ରାଣ ହରାଇବା ସହ ଅନେକ ମାଓବାଦୀ ଏବେ କରୋନା ଭୟରେ ସଂଗଠନ ଛାଡ଼ି ପଳାଉଥିବା ସ୍ପଷ୍ଟ ହୋଇଛି । ଛତିଶଗଡ଼ ବିଜାପୁର ପାଲନାର ଜଙ୍ଗଲରୁ ଠାବ ହୋଇଥିବା ମାଓ ସାମଗ୍ରୀ ସହ ମାଓବାଦୀଙ୍କ ଏହି ହାତଲେଖା ଚିଠିରୁ ଏହା ସ୍ପଷ୍ଟ ହୋଇଛି । ଏଥି ସହ ଅନେକ ମାଓବାଦୀ ଅସୁସ୍ଥ ହୋଇ ଜଙ୍ଗଲ ଭିତରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ପାଖରେ ଥିବା ଔଷଧ ଏହି ରୋଗର ମୁକାବିଲା କରିପାରୁ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି । ଦକ୍ଷିଣ ଓ ପଶ୍ଚିମ ବସ୍ତର ଡିଭିଜନ ସହ ଦରଭା ଡିଭିଜନର ଅନେକ ସାଧୁ ଅସୁସ୍ଥ ଥିବା ବେଳେ ସଂଗଠନ ଛାଡ଼ି ମାଓବାଦୀମାନେ ପଳାୟନ କରିବା ଘଟଣା ଲାଗି ରହିଲେ ସଂଗଠନ ଚଳେଇବା କଷ୍ଟକର ହେବ ବୋଲି ଏହି ପତ୍ରରେ ଉଲ୍ଲେଖ ରହିଛି । ଗାଁର ମଧ୍ୟ ଏହି ରୋଗ ଲହର ପରି ବ୍ୟାପୁଛି ତେଣୁ ଅନ୍ୟ ସାଥୀଙ୍କୁ ସୁରକ୍ଷିତ ରହିବା କଥା ଏଥିରେ ଉଲ୍ଲେଖ ରହିଛି । ତେବେ ଆତ୍ମସମର୍ପଣ ନକଲେ ୨୫ରୁ ଅଧିକ ମାଓବାଦୀ ପ୍ରାଣ ହରେଇବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଦାନ୍ତେୱାଡା ଏସପି ।

ବାହାରିଲା ଓପିଏସସି ରେଜଲ୍ଟ : କୃତକାର୍ଯ୍ୟ ହେଲେ ୭୮୬ ଡାକ୍ତର

ଭୁବନେଶ୍ୱର,୧୨/୦୫(ନି.ପ୍ର): ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଡାକ୍ତରୀ ପଦବୀ ପୂରଣ ପାଇଁ ଗତ ଏପ୍ରିଲ ୨୮ ତାରିଖରେ ଅନୁଷ୍ଠିତ ନିଯୁକ୍ତି ପରୀକ୍ଷାରେ ୭୮୬ ଜଣ ଡାକ୍ତର କୃତକାର୍ଯ୍ୟ ହୋଇଛନ୍ତି। ଓପିଏସସି ପକ୍ଷରୁ କୁହାଯାଇଛି ଯେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ଡାକ୍ତରୀ ପଦବୀ ପାଇଁ ନିଯୁକ୍ତି ପରୀକ୍ଷା କରିବାକୁ ଫେବୃଆରୀ ୧୯ରେ ଓଡ଼ିଶା ଲୋକସେବା ଆୟୋଗକୁ ପ୍ରସ୍ତାବ ଆସିଥିଲା। କୋଭିଡ୍ ସମୟରେ ଏହି ପଦବୀଗୁଡ଼ିକ ଯଥା ଶୀଘ୍ର ପୂରଣ କରିବା ଏକାନ୍ତ ଅପରିହାର୍ଯ୍ୟ ଥିବାରୁ ଯେତେ ସମ୍ଭବ ଖୁବ୍ କମ୍ ସମୟ ମଧ୍ୟରେ ଏହି ନିଯୁକ୍ତି ପରୀକ୍ଷା କରି ଫଳାଫଳ ▶▶ପୃଷ୍ଠା ୭

ତିନୋଟି ବାଲ୍ୟ ବିବାହ ରୋକିଲା ଚାଇଲ୍ଡ ଲାଇନ୍

ଗଞ୍ଜାମ, ୧୨/୫ (ନି.ପ୍ର): କରୋନା ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଟକଣାକୁ କଡ଼ାକଡ଼ି କରାଯାଇଥିବା ବେଳେ ଏଭଳି ସମୟରେ କେତେକ ସ୍ଥାନରେ ବାଲ୍ୟ ବିବାହ ଭଳି ଘଟଣା ଦେଖିବାକୁ ମିଳିଛି । ଏଭଳି ତିନୋଟି ବାଲ୍ୟ ବିବାହ ଘଟଣା ସାମ୍ନାକୁ ଆସିଛି । ଭଞ୍ଜନଗର ଅଂଚଳର ବାଉଁଶଲୁଣ୍ଡି ତଥା ଗାମୁଡି ଗ୍ରାମରେ ଦୁଇଟି ଓ ଖଲ୍ଲିକୋଟର ଅଂଚଳର ହରିଡ଼ାମୂଳ ଗ୍ରାମରେ ବାଲ୍ୟ ବିବାହ ନେଇ ଯୋଜନା ଚାଲିଥିଲା । ଏନେଇ ଚାଇଲ୍ଡ ଲାଇନ୍ କେନ୍ଦ୍ରକୁ ୧୦୯୮ ସେବା ମାଧମରେ ସୂଚନା ମିଳିବା ପରେ ସ୍ଥାନୀୟ ବାଲ୍ୟ ବିବାହ ନିଶେଧ ଅଧିକାରିଣୀ ପୋଲିସର ସହାୟତାରେ ଚାଇଲ୍ଡ ଲାଇନ୍ ସଦସ୍ୟ ମାନେ ଏହି ଗ୍ରାମରେ ପହଂଚି ଥିଲେ । ଉଭୟ ପକ୍ଷ ପରିବାରର ସଦସ୍ୟ ମାନଙ୍କୁ ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬ ଓ ଜିଲ୍ଲାପାଳଙ୍କ ଏ କ୍ଷେତ୍ରରେ ଥିବା କଡ଼ା ନିର୍ଦ୍ଦେଶ ସମ୍ପର୍କରେ ବୁଝାଇଥିଲେ । ଶେଷରେ ତିନୋଟି ପରିବାର ଲିଖିତ ଭାବେ କନ୍ୟାକୁ ୧୮ ବର୍ଷ ନହେବା ପର୍ଯ୍ୟନ୍ତ ବିବାହ କରାଇବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଖଲ୍ଲିକୋଟ ଅଂଚଳରୁ ଅଂଶୁପା ସାହୁ, ସାଇପ୍ରସାଦ ସାମଲ ଓ ଭଞ୍ଜନଗର ଅଂଚଳରୁ ବିଷ୍ଣୁପ୍ରିୟା ସେଠୀ, ଚାଇଲ୍ଡ ଲାଇନ୍ ର ଦୁଇ ଜଣ ସଦସ୍ୟ ବଳରାମ ମଲ୍ଲିକ ଓ ପ୍ରଭାତ ପାଢ଼ୀ ଉପସ୍ଥିତ ଥିଲେ । ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ସୁଧିର ନାୟକ କହିଛନ୍ତି ଯେ, ଆଗାମୀ ଦିନରେ ଅକ୍ଷୟ ତୃତୀୟା ଦିବସରେ ବାଲ୍ୟ ବିବାହ କରାଯିବାର ସମ୍ଭାବନା ରହିଛି ।

କୋଭିଡ ସମ୍ପର୍କିତ ସୂଚନା ପାଇଁ ହେଲ୍ପଲାଇନ ନମ୍ବର ଜାରି କଲା ପ୍ରଶାସନ

କନ୍ଧମାଳ, ୧୨/୫ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଫୁଲବାଣୀଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା କୋଭିଡ ହସପିଟାଲରେ କୋଭିଡ ସଂକ୍ରମିତଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇ ଚିକିତ୍ସା ପ୍ରଦାନ କରାଯାଉଛି । ତେବେ ସେମାନଙ୍କ ଭଲମନ୍ଦ ବିଷୟରେ ଜାଣିବାକୁ ସେମାନଙ୍କର ପରିବାର ଲୋକଙ୍କ ସୁବିଧା ପାଇଁ ତଥା ଅନ୍ୟ କୌଣସି କୋଭିଡ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ହେଲ୍ପଲାଇନ ନମ୍ବର ସବୁ ଜାରି କରାଯାଇଛି । ଏହାସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଅସ୍ଥାୟୀ କୋଭିଡକେୟାର ସେଣ୍ଟର ଗୁଡିକରେ ରହିଥିବା ସଂକ୍ରମିତଙ୍କ ପାଇଁ ମଧ୍ୟ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରିଛି ଜିଲ୍ଲା ପ୍ରଶାସନ । ଏହି ସୂଚନା ଆଜି କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡି ଟ୍ୱିଟ ଜରିଆରେ ପ୍ରଦାନ କରିଛନ୍ତି । ଏଥିରେ ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀରେ ଥିବା କୋଭିଡ ହସପିଟାଲର ସୂଚନା ଜାଣିବାକୁ ଟୋଲଫ୍ରି ନମ୍ବର ସମେତ ମୋବାଇଲ ନମ୍ବର ମଧ୍ୟ ପ୍ରଦାନ କରାଯାଇଛି । ଏହାସହିତ କୌଣସି ଜରୁରୀ କାଳୀନ ସହାୟତା ପାଇଁ ଜିଲ୍ଲା ପୋଲିସକୁ ଯୋଗାଯୋଗ କରିବାକୁ ଜିଲ୍ଲା ପୋଲିସ ମୂଖ୍ୟାଳୟ ସମେତ ଜିଲ୍ଲାର ପୋଲିସ ଉଚ୍ଚ ପଦାଧିକାରୀ ମାନଙ୍କ ଏବଂ ସମସ୍ତ ଥାନା ଅଧିକାରୀ ମାନଙ୍କର ନମ୍ବର ମଧ୍ୟ ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ଜିଲ୍ଲା ପୋଲିସ ବିଭାଗ ତରଫରୁ ଜାରି କରାଯାଇଛି । ଏହି ସୂଚନା ମଧ୍ୟ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ ଟ୍ୱିଟ୍ ଜରିଆରେ ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରଶାସନ ଫୁଲବାଣୀ ସ୍ଥିତ ଅନ୍ୱେଷା ହଷ୍ଟେଲ,ଫୁଲବାଣୀ ସ୍ୱଂୟଶାସିତ ମହାବିଦ୍ୟାଳୟ, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ରାଇକିଆ, ବାଲିଗୁଡା ବଡଗାଁ ସରକାରୀ ଆବାସିକ ବିଦ୍ୟାଳୟ, ଦାରିଙ୍ଗବାଡି ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଟିକାବାଲି ଅନ୍ୱେଷା ହଷ୍ଟେଲ ଏବଂ ତୁମୁଡିବନ୍ଧ ସରକାରୀ ବାଳିକା ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ କୋଭିଡକେୟାର ସେଣ୍ଟର ଗୁଡିକରେ ଚିକିତ୍ସାଧିନ ଅବସ୍ଥାରେ ଥିବା ସଂକ୍ରମିତ ମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଭାବରେ ହେଲ୍ପଲାଇନ ନମ୍ବର ସବୁ ଜାରି କରିଛି । ଏହାସହିତ ଏକ ଟୋଲଫ୍ରି ନମ୍ବର ୧୦୭୭ ତଥା ଏକ ଲ୍ୟାଣ୍ଡଲାଇନ ନମ୍ବର ୦୬୮୪୨-୨୫୩୬୫୦ ମାଧ୍ୟମରେ କୋଭିଡ ସମ୍ପର୍କିତ ସମସ୍ତ ତଥ୍ୟ ଜାଣିବାକୁ ଲୋକଙ୍କ ସୁବିଧା ପାଇଁ ଜାରି କରାଯାଇଛି ।

ପ୍ରଶାସନ ଶୁଣିଲା ନାହିଁ: ଗ୍ରାମବାସୀ ପାହାଡ଼ କାଟି ନିର୍ମାଣ କଲେ ୭ କିଲୋମିଟର ରାସ୍ତା

ମାଲକାନଗିରି, ୧୨/୫ (ନି.ପ୍ର): ନିଜ ଗାଁ କୁ ଭଲ ରାସ୍ତା ନଥିବାରୁ ଉପଯୁକ୍ତ ଚିକିତ୍ସା ସୁବିଧା ନପାଇ ବିହାର ରାଜ୍ୟ ଗେହଲୁର ଗ୍ରାମର ଦଶରଥ ମାନଝି ଙ୍କ ସ୍ତ୍ରୀ ମୃତ୍ୟୁ ବରଣ କରିଥିଲେ !ଏହା ପର ଠାରୁ ମାନଝି ନିଜେ ଏକୁଟିଆ ପାହାଡ଼ କାଟି ରାସ୍ତା ନିର୍ମାଣ କରି ମାଉନଟେନ ମ୍ୟାନ ଭାବେ ସମଗ୍ର ଦେଶରେ ପରିଚିତ ହୋଇଥିଲେ !ଏଥିରୁ ଅନୁପ୍ରାଣିତ ହୋଇ ପ୍ରଶାସନର ସହାୟତା କୁ ଅପେକ୍ଷା ନକରି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କୁଟୁଣି ପାଲି ପଂଚାୟତ ର ଲୋକ ମାନେ ଦୀର୍ଘ ୭ କିଲୋମିଟର ପାହାଡ଼ କାଟି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ସୀମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରି ଅନ୍ୟ ଗ୍ରାମବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି !ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ର ଅନେକ ଗାଁକୁ ଆଜିପର୍ଯ୍ୟନ୍ତ ଭଲ ରାସ୍ତା ଟିଏ ନାହିଁ !ଫଳରେ ଅଂଚଳ ବାସୀ ବାରମ୍ବାର ପ୍ରଶାସନ ଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କୁ ଗୁହାରି କରିବା ପରେ ମଧ କେହି କର୍ଣ୍ଣପାତ କରିନଥିଲେ !ପାହାଡ଼ ପର୍ବତ ଚାରି ଆଡେ ଘେରି ରହିଥିବାରୁ ପଂଚାୟତ ର ଲୋକଙ୍କୁ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ର ଗୁପ୍ତେଶ୍ୱର, ଦଣ୍ଡାବାଡ଼ି, ରାମଗିରି ଗ୍ରାମରେ ବସୁଥିବା ସାପ୍ତାହିକ ହାଟ କୁ ନିଜ ଉତ୍ପାଦିତ ପନିପରିବା ଓ ଜଙ୍ଗଲ ଜାତ ଦ୍ରବ୍ୟ କୁ ବିକ୍ରୀ ପାଇଁ ନେବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ !କରୋନା ମହାମାରୀ ଚାଲିଥିବାରୁ ଗ୍ରାମବାସୀ କୁଆଡେ କାମକୁ ନଯାଇ ଗାଁରେ ରହିଛନ୍ତି !ଏହି ସମୟର ସଦୁପଯୋଗ କରିବା ପାଇଁ ଗାଁ ରେ ଏକ ବୈଠକ କରାଯାଇ କୁଟୁଣୀ ପାଲି ପଂଚାୟତ ସଦର ମହକୁମା ଠାରୁ ବୈପାରୀଗୁଡା ବ୍ଲକ ସୀମା ପର୍ଯ୍ୟନ୍ତ ରାସ୍ତା ଶ୍ରମଦାନ କରି ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା !ଉକ୍ତ ନିଷ୍ପତ୍ତି ଅନୁଯାୟୀ ଗ୍ରାମର ସମସ୍ତ ପୁରୁଷ ଲୋକ ଏକାଠି ହୋଇ ହାତରେ କୋଡ଼ି, କୋଦାଳ, ଧରି ନିଜ ଯାତାୟାତ ର ସୁବିଧା ପାଇଁ ରାସ୍ତା ନିର୍ମାଣ କରିବାରେ ଲାଗିପଡ଼ିଥିଲେ ! ଶେଷରେ ସେମାନେ ଦୀର୍ଘ ୭ କିଲୋ ମିଟର ପାହାଡ଼ କୁ କାଟି ରାସ୍ତା କରିବାରେ ସଫଳ ହୋଇଥିଲେ ! ଏହି ରାସ୍ତା ନିର୍ମାଣ ହେବା ପରେ ଗ୍ରାମବାସୀ ଅକ୍ଳେଶ ରେ ବୈପାରୀଗୁଡା ବ୍ଲକ ର ବିଭିନ୍ନ ହାଟ ଓ ଗାଁ କୁ ଯିବାଆସିବା କରିପାରୁଛନ୍ତି !

ଗାଁ ଦାଣ୍ଡ ଓ ମୁଖ୍ୟରାସ୍ତା ଖଳାବାଡ଼ି ପାଲଟିଛି

କଣାସ, ୧୨/୫ (ନି.ପ୍ର): ଗ୍ରାମ୍ୟ ଲୋକମାନେ ସଚେତନତା ଅଭାବରୁ ଗମନା ଗମନ ପାଇଁ ନିର୍ମାଣ କରାଯାଇଥିବା ଗ୍ରାମ୍ୟ ଦାଣ୍ଡ, ମୁଖ୍ୟରାସ୍ତା, କଂକ୍ରିଟ ଓ ପିଚୁ ରାସ୍ତାକୁ ଖଳାବାଡ଼ିରେ ପରିଣତ କରିଥିବା ଦେଖିବାକୁ ମିଳିଛି । ଫଳରେ ଏହି ରାସ୍ତା ଦେଇ ଯାଉଥିବା ପଥିକ, ସାଇକେଲ୍ ଚାଳକ, ମୋଟରସାଇକେଲ ଆରୋହୀ, ଚାରିଚକିଆ ଯାନ ଆରୋହିମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଯଦି କୌଣସି ପଥିକ ଯିବାସମୟରେ ଉକ୍ତ ସ୍ଥାନରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ପ୍ରତିବାଦ କରେ ତେବେ ତାକୁ ସ୍ଥାନୀୟ ଲୋକଙ୍କ ଗାଳି ଶୁଣିବାକୁ ପଡେ । ପ୍ରତ୍ୟେକ ଗ୍ରାମ୍ୟ ମୁଖ୍ୟରାସ୍ତାରେ ଗୋଟା କଳେଇ, ବିରିମୁଗ ଆମଳ କରାଯାଇଥିବା ବେଳେ ରାସ୍ତା ଉପରେ କାଠଗଡ, ପଥର ରଖି ଧାନ, ବିରି, ମୁଗ ଶୁଖାଇ ଥାଆନ୍ତି । ବାରମ୍ବାର ଛୋଟବଡ ଦୁର୍ଘଟଣାମାନ ଘଟୁଥିଲେ ମଧ୍ୟ ପୋଲିସ୍ ବାବୁମାନେ ଏହା ଦେଖି ନିରବ ରହିଯାଉଥିବାରୁ ଦିନକୁ ଦିନ ସମସ୍ତ ଗ୍ରାମ୍ୟ ରାସ୍ତା ଓ ମୁଖ୍ୟରାସ୍ତା ଖଳାବାଡିରେ ପରିଣତ ହୋଇଗଲାଣି । ଆଉମଧ୍ୟ ଅନେକ ସରକାରୀ ଗ୍ରାମ୍ୟ ଦାଣ୍ଡରେ ସରକାରୀ ରାସ୍ତା ଉପରକୁ ବାରଣ୍ଡା ନିର୍ମାଣ କରିବା ସହିତ ଘର ଆଗରେ ବାସଗୃହ ନିର୍ମାଣ ପାଇଁ ପଥର, ଗୋଡ଼ି, ବାଲି ଗଦେଇ ରଖି ରାସ୍ତା ସଙ୍କୁଚିତ କରୁଛନ୍ତି । ସେହି ରାସ୍ତା ଦେଇ ତହସିଲଦାର, ପୋଲିସ୍ ଓ ସରକାରୀ କାର୍ଯ୍ୟାଳୟରେ ଅଧିକାରୀମାନେ ଯାଉଥିଲେ ମଧ୍ୟ ଏନେଇ ସେମାନଙ୍କୁ ତାଗିଦ୍ କରୁନଥିବାରୁ ଗାଁ ଦାଣ୍ଡ ଅବସ୍ଥା କହିଲେ ନ ସରେ ।

ବିଜେପି ଭଦ୍ରକ ଜିଲ୍ଲା ତରଫରୁ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ

ଭଦ୍ରକ, ୧୨/୫ (ହି.ସ.) - ବର୍ତ୍ତମାନ କରୋନା ମୁକାବିଲା କରିବା ପାଇଁ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ମୋଦିଜୀ ସାରା ଦେଶ କଥା ଚିନ୍ତା କରୁଥିବା ସମୟରେ ଆମର ରାଜ୍ୟ ଓଡ଼ିଶାକୁ ଆଧିକ ପ୍ରାଧାନ୍ୟ ଦେଇଛନ୍ତି। ଆମ ଭଦ୍ରକ ଜିଲ୍ଲାରେ ଏକ ଅମ୍ଳଜାନ ପ୍ଲାଣ୍ଟ କରିବା ପାଇଁ ଭାରତ ସରାକର ଅନୁମତି ଦେଇଥିବାରୁ ଦୁଇ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ନିତିନ ଗଡକରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ସାରା ଭାରତ ବର୍ଷର ପ୍ରାୟ ୮୦ କୋଟି ଲୋକଙ୍କୁ ଦୁଇ ମାସ ପାଇଁ ମାଗଣା ରାସନ ଯୋଗାଣ, କରୋନା ଟୀକା ଏବଂ ଆମ ରାଜ୍ୟକୁ ଆମାଗୀ ୩୩୪ କୋଟି ଟଙ୍କା ଗ୍ରାମା ଳରେ କରୋନା ମୁକାବିଲା ଦେଇଥିବାରୁ ଭଦ୍ରକ ଜିଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ ଭଦ୍ରକ ଜିଲ୍ଲା ସଭାପତି ହେମନ୍ତ କୁମାର ପାଢୀ, ବିରୋଧୀ ଦଳର ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ, ପୂର୍ବତନ ମନ୍ତ୍ରୀ ତଥା ଚାନ୍ଦବାଲି ବିଧାନସଭା ନେତା ମନମୋହନ ସାମଲ, ଭଦ୍ରକ ବିଧାନସଭାର ନେତା ଡା. ପ୍ରଦିପ ନାୟକ, ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରିନାରାୟଣ ଧଳ, ବାସୁଦେବପୁର ବିଧାନସଭା ନେତା ମାଧବାନନ୍ଦ ମଲ୍ଲିକ, ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ମନୋଜ ମଲ୍ଲିକ, ଜିଲ୍ଲାର ଲୋକସଭା ପ୍ରାର୍ଥୀ ତଥା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଦାସ, ସମସ୍ତ ମଣ୍ଡଳ ସଭାପତି, ଭଦ୍ରକର ସମସ୍ତ ଭାଜପା କର୍ମୀ ଧନ୍ୟବାଦ ଅର୍ପଣ କରିଛନ୍ତି। ଆଗାମୀ ଦିନରେ ଭଦ୍ରକ ଜିଲ୍ଲା ପ୍ରତି କେନ୍ଦ୍ର ସରକାରଙ୍କର ଆହୁରି ସଦୟ ଦୃଷ୍ଟି ରହିବ ଏବଂ ଜିଲ୍ଲାରେ ଏକ ମେଡିକାଲ କଲେଜ ସ୍ଥାପନ ହେବ ବୋଲି ଆଶା ପ୍ରକଟ କରିଛନ୍ତି।

ଆହରକେନ୍ଦ୍ରର ଅପରିଷ୍କାର ବାରଣ୍ଡାରେ ତଳେ ବସି ଖାଉଛନ୍ତି ଲୋକ

କେନ୍ଦ୍ରାପଡ଼ା, ୧୨/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ର ଭିତରେ ଖାଦ୍ୟ ଖାଇବା ବରଣ କରାଯାଇଛି । କରୋନା କଟକଣା ଲାଗୁହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହାର କେନ୍ଦ୍ର ଭିତରେ ଖାଦ୍ୟ ଗ୍ରହନ କରିବାକୁ ନିଷେଧ କରାଯାଇ କେବଳ ଖାଦ୍ୟ ପାର୍ସଲ ନେବା ପାଇଁ ଅନୁମତି ରହିଛି । ତେବେ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ପରିବାର ଲୋକେ କେନ୍ଦ୍ରରୁ ଖାଦ୍ୟ ପାର୍ସଲ ଆନି ସେହି ବାରଣ୍ଡରେ ତଳେ ବସି ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଛି । ଫଳରେ ଧୁଳି ମଳି ଓ ଅପରିଷ୍କାର ବାରଣ୍ଡାରେ ବସି ଲୋକେ ଖାଦ୍ୟ ଖାଉଥିବା ଯୋଗୁଁ କରୋନା ସହ ବିଭିନ୍ନ ପ୍ରକାର ସଂକ୍ରମଣ ହେବାର ଆଶଙ୍କା ଦେଖା ଦେଇଛି । ଏଥି ସହିତ ଅନେକ ଗରିବ ଅସହାୟ ଲୋକ ନିଜର ଖାଦ୍ୟ ଖାଇବାର ଯାଗା ନଥିବାରୁ ଖାଇ ନପାରି ନିରାଶ ହୋଇ ଫେରୁଛନ୍ତି ।

ଅଗ୍ନିଶମ କର୍ମଚାରୀଙ୍କ ଯୋଗୁ ଅଳ୍ପକେ ବର୍ତ୍ତିଲା ଦୁଇ ଟ୍ରାନ୍ସଫର୍ମର

ଭୁବନ, ୧୨/୫ (ନି.ପ୍ର): ଭୁବନ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଅଳ୍ପକେ ବର୍ତିଗଲା ଦୁଇଟି ବିଦ୍ୟୁତ ଟ୍ରାନ୍ସଫର୍ମର । ଭୁବନ କାଳୀବଜାର ସ୍ଥିତ ଲିସ୍ପା ଲସି ଦୋକାନରେ ବିଳମ୍ବିତ ରାତ୍ରରେ ବିଦ୍ୟୁତ ସଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା । ଏହି ଅଗ୍ନିକାଣ୍ଡ ସଂପର୍କରେ ଖବର ପାଇ ଦମକଳ ବାହିନୀ ପହଁଚିଲା ବେଳକୁ ଲସି ଦୋକାନରେ ଥିବା ଫ୍ରିଜ, ଫ୍ରିଜର ସମେତ ବହୁ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା । କିନ୍ତୁ ଲସି ଦୋକାନକୁ ଲାଗିକରି ଥିବା ଅନ୍ୟ ଦୋକାନ ଏବଂ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ନିଆଁ ଧରିବା ପୂର୍ବରୁ ଦମକଳ ବାହିନୀ ମୁଖ୍ୟ ଆଗ୍ନିକ ମଧୁସୁଦନ ମହାନ୍ତି ଓ କର୍ମଚାରୀ ଭାଗିରଥି ପ୍ରଧାନ,ସୂର୍ଯ୍ୟମଣି ରାଉତ, ସୂର୍ଯ୍ୟକାନ୍ତ ସେଠୀ , ସରୋଜ ବେହେରା, ବିଶ୍ୱନାଥ ଦଳେଇ ଉପସ୍ଥିତ ବୁଦ୍ଧି ଖଟାଇ ନିଆଁକୁ ଆୟତ କରିଥିଲେ ।

ବାରିପଦାରେ କାଳ ବୈଶାଖୀ ପ୍ରଭାବ: ଘଡ଼ଘଡ଼ି ସହିତ ବର୍ଷା

ବାରିପଦା, ୧୨/୫ (ନି.ପ୍ର): ବାରିପଦା ସହରରେ କାଳ ବୈଶାଖୀର ପ୍ରଭାବ ପରିଲକ୍ଷିତ ହୋଇଥିଲା । ଓଡ଼ିଶା ପାଣିପାଗ ବିଭାଗର ପୂର୍ବାନୁମାନ ସତ୍ୟ ହେଲା । ଆଜି ପୂର୍ବାହ୍ନରେ ମାଡ଼ି ଆସିଥିଲା ପବନ, ଘଡ଼ଘଡ଼ି ସହିତ ବର୍ଷା । ବାରିପଦାସ୍ଥିତ କୃଷି ବିଭାଗର ପାଣିପାଗ ବିଭାଗର ଅଧିକାରୀ କମଳ ଲୋଚନ ନାଥଙ୍କ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ ଆଜି ସହରରେ ୧୩.୮ ମିଲି ବର୍ଷା ରେକର୍ଡ଼ କରାଯାଇଥିବାର ଜଣାପଡ଼ିଛି । ସେହିପରି ଆଜି ସହରରେ ତାପମାତ୍ରା ସର୍ବାଧିକ ୩୩.୨ ଡ଼ିଗ୍ରୀ ରହିଥିଲା । ତେବେ କାଳ ବୈଶାଖୀ ପ୍ରଭାବରେ ସହରରେ କୌଣସିଠାରେ କ୍ଷୟକ୍ଷତି ଘଟି ନ ଥିବାର ଜଣାପଡ଼ିଛି । ପୁଣି ଆସନ୍ତା କାଲି ମଧ୍ୟ ଜିଲ୍ଲାରେ କାଳ ବୈଶାଖୀର ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବାର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ପ୍ରକାଶ ଥାଉକି, ବାରିପଦା ସହରରେ ଚଳିତ ମେ ମାସର ୭ ଓ ୯ରେ ସର୍ବାଧିକ ୩୭ ଡ଼ିଗ୍ରୀ ଏବଂ ୪ରେ ସର୍ବନିମ୍ନ ୩୦.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଥିବା ବେଳେ ଏପ୍ରିଲ ମାସର ୨୭ ତାରିଖରେ ସର୍ବାଧିକ ୪୨.୫ ଡ଼ିଗ୍ରୀ ଓ ୯ରେ ସର୍ବନିମ୍ନ ୩୫.୨ ଡ଼ିଗ୍ରୀ ତାପମାତ୍ରା ରହିଥିଲା ।

ଠେଙ୍ଗା ଧରି ଜଗିଛି ପୁଲିସ, ଡ଼ଙ୍ଗା ଧରି ଆସୁଛନ୍ତି ମତ୍ସ୍ୟଜିବୀ : ପୁରୀ ସହର ପାଇଁ ବିପଦ ଆନ୍ଧ୍ର ମତ୍ସ୍ୟଜିବୀ

ପୁରୀ, ୧୨/୫ (ନି.ପ୍ର): ପୁରୀର ପେଣ୍ଡକଟା ଅଂଚଳରେ ବାସ କରନ୍ତି ବହୁ ସଂଖ୍ୟାରେ ମତ୍ସ୍ୟଜିବୀ । ଏଠାରେ ଥିବା ପ୍ରାୟ ମତ୍ସ୍ୟଜୀବିମାନେ ଦୁଇ ରାଜ୍ୟ (ଓଡ଼ିଶା ଓ ଆନ୍ଧ୍ର)ର ଭୋଟର କାର୍ଡ ଓ ଆଧାର କାର୍ଡ ରଖିଛନ୍ତି । ଆନ୍ଧ୍ରରେ କରୋନା ସ୍ଥିତି ଭୟାନକ ଥିବାରୁ କେତେକ ମତ୍ସ୍ୟଜୀବି ଆନ୍ଧ୍ର ଛାଡି ଜଳପଥରେ ପୁରୀ ଓ ଚନ୍ଦ୍ରଭାଗାକୁ ଆସୁଛନ୍ତି । ଅନ୍ୟପକ୍ଷରେ ୪ଟି ମେରାଇନ ଥାନାର ପୁଲିସ ଠେଙ୍ଗାଧରି ସମୁଦ୍ର କୂଳରେ ଜଗିଛି । ମତ୍ସ୍ୟଜିବୀମାନେ ଡ଼ଙ୍ଗାରେ ଆସିବା ସହ ନିର୍ଦ୍ଦିଷ୍ଟ ସ୍ଥାନରେ ଡ଼ଙ୍ଗା ନଲଗାଇ ଅନ୍ୟ ସ୍ଥାନରେ ଡ଼ଙ୍ଗା ରଖି ଚାଲି ଚାଲି ପେଣ୍ଡକଟା ବସ୍ତିରେ ପ୍ରବେଶ କରୁଥିବା ଅଭିଯୋଗ ହେଉଛି । ଗତବର୍ଷ କରୋନା ସମୟରେ ପେଣ୍ଡକଟା ଅଂଚଳରୁ ଅଧିକ ସଂଖ୍ୟାରେ ପଜେଟିଭ୍ ବାହାରିଥିବା ବେଳେ ସ୍ୱାସ୍ଥ୍ୟବିଭାଗ ଗାଡି ନେଇ ସେମାନଙ୍କ ଘରୁ ଆଣିବା ଘଟଣାରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ଆନ୍ଧ୍ରରେ ମାରାତ୍ମକ କରୋନା ଭୂତାଣୁ ରହିଥିବାରୁ ଏହା ପୁରୀ ପାଇଁ ବିପଦ ସାଜିଛି । ଜିଲ୍ଲାର ୧୧ଟି ବ୍ଲକରୁ ଯେତିକି କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି ତା ଠାରୁ ଅଧିକ ସଂକ୍ରମିତ ପୁରୀ ସହରରୁ ଚିହ୍ନଟ ହେଉଛନ୍ତି । ଯାହା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ମେରାଇନ ଥାନା ପୁଲିସ ବିଭିନ୍ନ ସ୍ଥାନରେ ପଇଁତରା ମାରୁଛି । ଆନ୍ଧ୍ରରୁ ମତ୍ସ୍ୟଜୀବିମାନେ ସଡ଼କ ପଥରେ ଆସିଲେ ବିଭିନ୍ନ ସ୍ଥାନରେ ପୁଲିସ ସେମାନଙ୍କୁ ଅଟକାଉ ଥିବାରୁ ସମୁଦ୍ର ପଥ ଏବେ ସେମାନଙ୍କ ପାଇଁ ସୁବିଧା ହୋଇଛି । ପୁରୀ, କୋଣାର୍କ, ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଅସ୍ତରଙ୍ଗରେ ଆନ୍ଧ୍ର ମତ୍ସ୍ୟଜିବୀମାନେ ପଶିଆସିଥିବା ସନ୍ଦେହ କରାଯାଉଛି । ୪ଟି ମେରାଇନ ଥାନା, ସଂପୃକ୍ତ ଅଂଚଳର ତହସିଲଦାର, ବିଡିଓ, ମତ୍ସ୍ୟ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ଆନ୍ଧ୍ରରୁ ଆସୁଥିବା ମତ୍ସ୍ୟଜୀବିମାନଙ୍କୁ ଚିହ୍ନଟ କରାଯାଇ ପଜେଟିଭ୍ ଥିବା ମତ୍ସ୍ୟଜିବୀଙ୍କୁ କୋଭିଡ

ବିବାହ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବାର ବିଷୟରେ ଜାଣନ୍ତୁ

♦ମେଷ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ସୋମବାର, ଶୁକ୍ରବାର କିମ୍ବା ମଙ୍ଗଳବାର ହେବା ଉଚିତ । ସନ୍ଧ୍ୟା ୭ଟା ପରେ ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ଦେଖିବାକୁ ଆସିଥିବା ଅତିଥିଙ୍କୁ ଚାଉଳରେ ପ୍ରସ୍ତୁତ ଖାଦ୍ୟ କିମ୍ବା ଖିରୀ ନିଶ୍ଚୟ ଖାଇବାକୁ ଦିଅନ୍ତୁ । ମାତ୍ର ଶନିବାର ଓ ବୁଧବାର ଏହି କାର୍ଯ୍ୟକ୍ରମ ରଖିବା ଅନୁଚିତ ।

♦ବୃଷ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ବୁଧବାର ଶୁକ୍ରବାର ଓ ଶନିବାର ଦିନ ଉତ୍ତମ ଅଟେ ।
ବୁଧବାର, ଶୁକ୍ରବାର ଓ ଶନିବାର ଦିନ ଉତ୍ତମ ଅଟେ । ଏହି କାର୍ଯ୍ୟକ୍ରମ ୧୨ ଟା ପୂର୍ବରୁ ରଖନ୍ତୁ ନାହିଁ । ଖାଦ୍ୟରେ ଗୋଲାପ ଜାମୁ ନିଶ୍ଚୟ ଖୁଆନ୍ତୁ । ମଙ୍ଗଳବାର ଏହି କାର୍ଯ୍ୟକ୍ରମ ରଖିବା ଅନୁଚିତ ।

♦ମିଥୁନ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ବୁଧବାର ଓ ଶୁକ୍ରବାର ଦିନ ଉତ୍ତମ ଅଟେ । ସନ୍ଧ୍ୟା ୪ରୁ ୬ଟା ସମୟରେ ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ଖାଦ୍ୟରେ ଆଳୁରେ ପ୍ରସ୍ତୁତ ଖାଦ୍ୟ ନିଶ୍ଚୟ ଖୁଆନ୍ତୁ । ମଙ୍ଗଳବାର ଓ ରବିବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦କର୍କଟ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ଉତ୍ତମ ଅଟେ । ଗହମରେ ପ୍ରସ୍ତୁତ ମିଠା କିମ୍ବ ଚକୋଲେଟ ନିଶ୍ଚୟ ଖାଦ୍ୟରେ ରଖନ୍ତୁ । ଶନିବାର ଓ ରବିବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।
ସନ୍ଧ୍ୟା ୭ଟା ପରେ ମଧ୍ୟ ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦ସିଂହ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ସୋମବାର, ମଙ୍ଗଳବାର ଓ ଗୁରୁବାର ରଖନ୍ତୁ । ସନ୍ଧ୍ୟା ୭ଟା ପରେ

ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ଖାଦ୍ୟରେ ମସଲାରେ ପ୍ରସ୍ତୁତ ଖାଦ୍ୟ ରଖନ୍ତୁ । ଖାଇବା ପରେ ଲବଙ୍ଗ ଓ ଗୁଜୁରାତି ଦିଅନ୍ତୁ । ଶନିବାର ଓ ବୁଧବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦କନ୍ୟା ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ଶୁକ୍ରବାର ଓ ବୁଧବାର ସର୍ବୋତ୍ତମ । ମଙ୍ଗଳବାର ଓ ରବିବାରରେ ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ବେସନରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ନିଶ୍ଚୟ ଖାଦ୍ୟରେ ରଖନ୍ତୁ ।

♦ତୁଳା ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ଶନିବାର ଓ ଶୁକ୍ରବାର ରଖନ୍ତୁ । ଖାଦ୍ୟରେ ଚକୋଲେଟ ଓ ଗୋଲାପଜାମୁ ନିଶ୍ଚୟ ରଖନ୍ତୁ । ସୋମବାର ଓ ଗୁରୁବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ବିଛା ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ରବିବାର, ସୋମବାର ଓ ଗୁରୁବାର ସର୍ବୋତ୍ତମ । ଖାଦ୍ୟରେ ମିଠା ଦ୍ରବ୍ୟ ଓ କ୍ଷୀରରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ନିଶ୍ଚୟ ରଖନ୍ତୁ । ବୁଧବାର ଓ ଶନିବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦ଧନୁରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ମଙ୍ଗଳବାର ଓ ରବିବାର ସର୍ବୋତ୍ତମ । ଖାଦ୍ୟରେ ମୁଗରେ ପ୍ରସ୍ତୁତ ହାଲୱା ଓ ବର୍ଫି ରଖନ୍ତୁ । ବୁଧବାର ଓ ଶନିବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦ମକର ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ଶୁକ୍ରବାର, ବୁଧବାର ଓ ଶନିବାର ସର୍ବୋତ୍ତମ । ପାନୀୟରେ ବିଭିନ୍ନ ଜୁସ୍ ଓ ସରବତ ରଖନ୍ତୁ । ମଙ୍ଗଳବାର ଓ ଗୁରୁବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦କୁମ୍ଭ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ଶୁକ୍ରବାର ଓ ବୁଧବାର ସର୍ବୋତ୍ତମ । ଖାଦ୍ୟରେ ଗୋଲାପଜାମୁ ନିଶ୍ଚୟ ରଖନ୍ତୁ । ରବିବାର ଓ ସୋମବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦ମୀନ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ସୋମବାର, ମଙ୍ଗଳବାର ଓ ଗୁରୁବାର ସର୍ବୋତ୍ତମ ।

ହସ ବାଣ୍ଟିବାକୁ ଝରକା ବାଟେ କଫି

ଅଷ୍ଟ୍ରେଲିଆର ଜଣେ ବ୍ୟକ୍ତି 'କଫି ପେ ଚର୍ଚ୍ଚା' ଟ୍ରେଣ୍ଡ ଆରମ୍ଭ କରିଛନ୍ତି । ରିକ୍ ଏଭରେଟ୍ ନିଜ ରୋଷେଇ ଘର ବାହାରେ ଥିବା ଏକ ଛୋଟ ସ୍ଥାନକୁ ଲୋକଙ୍କୁ କଫି ପାଇଁ ନିମନ୍ତ୍ରଣ କରୁଛନ୍ତି । ଏଠାରେ ବସି କଫି ପିଇବା ସହିତ ଲୋକେ ବାର୍ତ୍ତାଳାପ କରିପାରିବେ । ତେବେ ଏଭରେଟ୍ କାଫେ ଖୋଲି ନାହାନ୍ତି । ସେ ପେସାରେ ଜଣେ ଆକ୍ରୋବଟ୍ । କରୋନା ମହାମାରୀ ଯୋଗୁ ଗତ ମାର୍ଚ୍ଚ ମାସରେ ତାଙ୍କ ଚାକିରି ଚାଲିଯାଇଥିଲା । ରୋଷେଇ କ୍ଷେତ୍ରରେ ଭଲ ଜ୍ଞାନ ଥିବାରୁ ଘରେ ବସିବା ଅପେକ୍ଷା ଅସହାୟଙ୍କୁ ସାହାର୍ଯ୍ୟର ହାତ ବଢ଼ାଇବାକୁ ସେ ନିଷ୍ପତ୍ତି ନେଲେ । ରୋଷେଇ ଘର ଝରକା ବାହାରେ ସେ ଏକ ଛୋଟ ଟେବଲ ଓ ଦୁଇଟି ଚେୟାର ପକାଇଛନ୍ତି । ସେହି ସ୍ଥାନକୁ ମଧ୍ୟ ଭଲଭାବେ ସଜାଇଛନ୍ତି । ଝରକା ତଳକୁ ସେ ଏକ ବୋର୍ଡ ଝୁଲାଇଛନ୍ତି, ଯେଉଁଥିରେ ଉଲ୍ଲେଖ ହୋଇଛି 'ଭାଇରସ୍ ସହ ଲଢ଼ିବାକୁ ମାଗଣା କଫି' ଆଉ ଏଖ ସାଇନ୍‌ବୋର୍ଡରେ ଏହି ଛୋଟ ପ୍ରୟାସ ପଛର ଉଦ୍ଦେଶ୍ୟ ବିଷୟରେ ସେ ଲେଖିଛନ୍ତି । ଏଥିରେ ଏଭରେଟ୍ ଉଲ୍ଲେଖ କରିଛନ୍ତି 'ଏହା ମୋର ମାଗଣା ଝରକା କଫି ପ୍ରୋଜେକ୍ଟ ହୋଇପାରେ । ତେବେ ଏହା କମର୍ସିଆଲ ନୁହେଁ ମୁଁ କାଫେ ଚଳାଉନାହିଁ । କେବଳ ଲୋକଙ୍କ ମୁହଁରେ ହସ ଫୁଟାଇବାକୁ ଏହା ଏକ ଛୋଟ ପ୍ରୟାସ । ବନ୍ଧୁତାଭାବ ସୃଷ୍ଟି କରିବା ମୋର ଉଦ୍ଦେଶ୍ୟ ।' ବିଭିନ୍ନ ପ୍ରକାର କଫି ସହିତ ଚା' ଓ କିଛି କୁକିଜ୍ ସେ ଲୋକଙ୍କୁ ପ୍ରଦାନ କରୁଛନ୍ତି । ତାଙ୍କ ହାତ ତିଆରି କଫି ପିଇବାକୁ ଆସୁଥିବା ଲୋକେ ତାଙ୍କଠାରୁ କିଛି ଆଶା କରୁନାହାନ୍ତି, ବରଂ ତାଙ୍କ ସହ କିଛି ସମୟ ବିତାଙ୍କ ଓ ବାର୍ତ୍ତାଳାପ କରି ବହୁତ ଖୁସିରେ ଫେରୁଛନ୍ତି । ଏଭରେଟ୍‌ଙ୍କର ଏହି ଛୋଟ ପ୍ରୟାସକୁ ସକାରାତ୍ମକ ପ୍ରତିକ୍ରିୟା ମିଳୁଛି । ବିଶ୍ୱର ବିଭିନ୍ନ କୋଣରୁ ଲୋକେ ତାଙ୍କ ପ୍ରଶଂସା କରଉଛନ୍ତି ।



ଗୋଟିଏ ବି ଗାଡ଼ି ଚାଲେ ନାହିଁ ଏହି ଗାଁରେ

ନେଦରଲ୍ୟାଣ୍ଡସ୍‌ର ଗୋଟିଏ ଛୋଟ ଗାଁ ଗିୟେଥୁର୍ନ । ଆୟତନରେ ଛୋଟ ହୋଇପାରେ । ଅଥଚ ଏହା ଦେଖିବାକୁ ଏତେ ସୁନ୍ଦର ଓ ସବୁଜିମାରା ଯେ ଥରେ ଏଠାକୁ ଗଲେ ଫେରି ଆସିବାକୁ ମନ ହେବ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଲୋକପ୍ରିୟ ଏହି ଗାଁ । କିନ୍ତୁ ଏଠାକୁ ଅତି ସୀମିତ ସଂଖ୍ୟକ ପର୍ଯ୍ୟଟକ ଆସିଥାଆନ୍ତି । ଯଦିଓ କୋଭିଡ-୧୯ ମହାମାରୀ ପରଠାରୁ ଏହି ଗାଁରେର ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ଆଉ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ

ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ ବୋଲି ସଡ଼କ ପଥ ନାହିଁ । ସଡ଼କ ନଥିବାରୁ ଗାଡ଼ି ମଧ୍ୟ ନାହିଁ । ଆଉ ଗାଡ଼ି ନଥିବାରୁ ଏହି ଗାଁରେ କୌଣସି କୋଳାହଳ ନାହିଁ ।
ସାରାଦିନ ଶାନ୍ତ ଥାଏ ଏଠାକାର ପ୍ରକୃତି । ଯାତାୟତ ପାଇଁ ଯଦି ରାସ୍ତା ନଥାଏ, ତେବେ ଗାଁର ଲୋକମାନେ ଯାତାୟତ କିଭଳି ଭାବେ କରନ୍ତି ? ସବୁକିଛି ଜଳପଥରେ । ଅର୍ଥାତ୍ ଗାଁର ପ୍ରତି ପ୍ରାନ୍ତରେ ଜଳପଥର ବ୍ୟବସ୍ଥା କରାଯାଇଛି । ଏହି ଜଳପଥ ସାହାଯ୍ୟରେ ହିଁ ଏହି ଗାଁର ଲୋକମାନେ ଗୋଟିଏ ପ୍ରାନ୍ତରୁ ଆଉ ଗୋଟିଏ ପ୍ରାନ୍ତରେ ପହଞ୍ଚି ଯାଆନ୍ତି । ଏହା ମଧ୍ୟରେ ଯେଉଁ ନୌକା ବ୍ୟବହାର କରାଯାଏ, ଗ୍ରାମର ଶାନ୍ତ ପରିବେଶ ବଜାୟ ରଖିବାରେ ସେଗୁଡ଼ିକରେ ଶବ୍ଦହୀନ ଇଞ୍ଜିନ ଖଞ୍ଜାଯାଇଥାଏ । ଏହି ବିଶେଷତ୍ୱ ହିଁ ଗ୍ରାମଟିକୁ ଅନନ୍ୟ କରିଛି । ଏହି ଗ୍ରାମରେ ସବୁଠାରୁ ଜୋରରେ ଯଦି କିଛି ଶୁଣାଯାଏ ତେବେ ତାହା ହୁଏତ କୌଣସି ପକ୍ଷୀର କାକଳି ହୋଇଥିବ । କାହିଁକି ଏହି ଗ୍ରାମରେ କୌଣସି ରାସ୍ତା ନାହିଁ ? ଏହି ଗ୍ରାମକୁ ନେଦରଲ୍ୟାଣ୍ଡସ୍‌ର ଭେନିସ ବୋଲି ମଧ୍ୟ କୁହାଯାଏ । ତେବେ ଭେନିସ ଭଳି ପ୍ରାକୃତିକ ଭାବେ ଏହି ଗାଁ ଗଢ଼ି ଉଠିନଥିଲା ।
ଏହି ଗାଁରେ ଯେତେବେଳେ ପ୍ରଥମେ ଲୋକମାନେ ବସବାସ କରିବା ଆରମ୍ଭ କରିଥିଲେ ସେହି ସମୟରେ ଗାଁ ମଧ୍ୟରେରର ଅନେକ ସ୍ଥାନରେର ମାଟି ତଳେ ଫମ୍ପା ଅଂଶ ଥିଲା । ଗାଁରେ ବସବାସ ଆରମ୍ଭ କଲାବେଳେ ଲୋକମାନେ ସେହି ସବୁ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ । ବର୍ଷ ବର୍ଷ ଧରି ସେହି ଫମ୍ପା ସ୍ଥାନଗୁଡ଼ିକ ଖୋଳିଲା ପରେ ଗାଁ ମଧ୍ୟରେର ସ୍ଥାନରେ ଛୋଟ ଛୋଟ ହ୍ରଦ ସୃଷ୍ଟି

ହୋଇଗଲା । ଧୀରେ ଧୀରେ ସେହି ହ୍ରଦଗୁଡ଼ିକୁ ଯୋଡ଼ି କେନାଲ୍ ଭଳି ତିଆରି କରାଗଲା । ଗାଁ ଭିତରେ ଭିନ୍ନ ଭିନ୍ନ ଦିଗରେ ଏହି କେନାଲ ଗୁଡ଼ିକ ଯାଇଥିବାରୁ ଆଉ ପାଦ ଚଳା ରାସ୍ତା ରହିଲା ନାହିଁ । ଏମିତିକି ଲୋକମାନେ ସାମ୍ନା ଘରେ ରହୁଥିବା ପଡ଼ୋଶୀଙ୍କ ଘରରକୁ ଯିବାକୁ ଚାହିଁଲେ କାଠ ଓ ଲୁହାରେ ତିଆରି ଛୋଟ କଲଭର୍ଟ ଉପରେ ଯାତାୟତ କରିଥାଆନ୍ତି । ଗାଁଟି ଏକ ଛୋଟ ଦ୍ୱୀପ ଭଳି ମନେହୁଏ । ପୂରା ଗାଁରେର ଛୋଟ ଛୋଟ ୧୫୦ଟି ସେତୁ ତିଆରି ହୋଇଛି । ତେବେ ଏହି ଗାଁ ବିଷୟରେ ୧୯୮୫ ମସିହାରେର ପ୍ରଥମ ଥର ପାଇଁ ବାହାର ଦୁନିଆର ଲୋକମାନେ ଜାଣିବାକୁ ପାଇଲେ । ଡର୍ ଫିଲ୍ମ ନିର୍ମାତା ବାର୍ଟ ହାନଷ୍ଟ୍ରା ତାଙ୍କ କମେଡି ଫିଲ୍ମ 'ଫ୍ୟାନଫେୟାର'ର ସୁଟିଂ ଏହି ଗ୍ରାମରେ କରିଥିଲେ । ଏହି ଗାଁର ଲୋକସଂଖ୍ୟା ଅଢ଼େ ହଜାର ପାଖାପାଖି ହେବ । ଅତି ଆବଶ୍ୟକ ନ ହେଲେ ଏହି ଗାଁର ଲୋକମାନେ ସହରକୁ ଯାଆନ୍ତି ନାହିଁ । ବରଂ ସରକାରଙ୍କ ତରଫରୁ ଏହି ଗାଁର ଲୋକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଏ । ଗାଁର ଲୋକମାନେ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଜୀବନ ଅତିବାହିତ କରିଥାଆନ୍ତି । ଏହି ଲୋକମାନଙ୍କ ଅନୁସାରେ ସେମାନଙ୍କ ଚାହିଦା ଆଦି ସ୍ୱଳ୍ପ ହୋଇଥିବାରୁ ସେମାନେ କେବେ ବି ମନଦୁଃଖରେ ରହନ୍ତି ନାହିଁ । ସ୍ୱଳ୍ପରେ ସନ୍ତୁଷ୍ଟ ରହୁଥିବାରୁ ଏହି ଗାଁର ଲୋକମାନେ ସବୁବେଳେ ହସଖୁସିରେ ଜୀବନ ବିତାଇ ଥାଆନ୍ତି । ପର୍ଯ୍ୟଟକମାନଙ୍କ ସହିତ ଏହି ଗାଁର ଲୋକମାନଙ୍କ ବ୍ୟବହାର ଅତ୍ୟନ୍ତ ନମ୍ର ହୋଇଥାଏ ।

ପିଲାଙ୍କୁ ଶିଖାନ୍ତୁ ଶିଷ୍ଟାଚାର

ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ଛୋଟ ବୟସରୁ ହିଁ ପିଲାଙ୍କୁ ଆଦବକାଇଦା, ଭଦ୍ରାମି, ଶିଷ୍ଟାଚାର ଶିଖାଗଲେ ତାହା ବଡ଼ଦିନରେ ତାଙ୍କ ବ୍ୟବହାରରେ ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ମନସ୍ତତ୍ତ୍ୱବିତ୍ ଇଶିତା ଭୁଖାର୍ଜୀ କହିଛନ୍ତି ସେ ଏଯାବତ୍ ବିଭିନ୍ନ ବୟସର ପିଲାଙ୍କୁ ଅନୁଧ୍ୟାନ ପକରିସାରିଲେଣି । ପରିବାରରେ ପିଲାଙ୍କୁ ଶିଷ୍ଟାଚାର ତଥା ଭଦ୍ରାମି ପ୍ରଥମେ ମା ହିଁ ଶିଖାଇଥାନ୍ତି । ତେବେ କେତେକ ପରିସ୍ଥିତିରେ ଘରର ବୟୋଜ୍ୟେଷ୍ଠ ଯେପରି ଜେଜେମା', ଜେଜେବାପା' ନାତିନାତୁଣୀଙ୍କୁ ଗେହ୍ଲା ଆଦର କରି ଏସବୁ ଏବେ କରିବାର ଆବଶ୍ୟକତା ନାହିଁ ବୋଲି ବୁଝାଇନିଅନ୍ତି । ଅଧିକାଂଶ ଘରେ ଜେଜେମା'ମାନଙ୍କ ଯୁକ୍ତି ଯେ ଆମ ପିଲା ବଡ଼ ହେଲେ ସବୁ ଆପେ ଆପେ ଶିଖିଯିବ । ଏହା ହିଁ ସେଇ ଛୋଟ ପିଲାକୁ ଭୁଲ ଦିଗରେ ବଢ଼ିବାକୁ ପ୍ରୋତ୍ସାହିତ କରେ । ଘରକୁ କେହି ଆସିଲେ ପ୍ରଣାମ କରିବା, ସେମାନଙ୍କ ସହ ବସି ବାର୍ତ୍ତାଳାପ କରିବା ଇତ୍ୟାଦି ପିଲାଙ୍କୁ ଶିଖାନ୍ତୁ । ପାଖାପାଖି ୧୫୦ରୁ ଅଧିକ ପରିବାର ଏକ ସର୍ବେକ୍ଷଣରେ ସାମିଲ ହୋଇଥିଲେ । ଏଥିରେ ୯ବର୍ଷରୁ ୧୫ ବର୍ଷ ପୟସର ପିଲାମାନେ ସାମିଲ ଥିଲେ । ୬୭% ପିଲା ଅତିଥିଙ୍କ ସାମ୍ନାକୁ ଆସିନଥିବା ବେଳେ ପ୍ରଣାମ କରିବାକୁ ମଧ୍ୟ ଉଚିତ୍ ମଣିନଥିଲେ । ଭାରତୀୟ ପରିବାରରେ ଜୀବନଶୈଳୀ ପରିବର୍ତ୍ତନ ହେବା ସହ ବିଦେଶୀ ଢ଼ାଞ୍ଚାକୁ ଅଧିକ ଆପଣାଉଛନ୍ତି । ପରିବାରର ପ୍ରତ୍ୟେକ ସଦସ୍ୟ ଏ ଦିଗ ପ୍ରତି ସଚେତନ ହେବା ସହ ଯଥା ପଦକ୍ଷେପ ନେବା ଆବଶ୍ୟକ ।

ସପୁରିର ଗୁଣ

- ସପୁରିକୁ ନିୟମିତ ଭାବରେ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ ଥାଏ । ସପ୍ତାହକୁ ଥରେ କିମ୍ବା ଦୁଇଥର ଏହାର ରସ ପିଇବା ଭଲ । ମ୍ୟାଗ୍ନେସିୟମ ଏଥିରେ ଅଧିକ ଅଧିକ ମାତ୍ରାରେ ଥିବାରୁ ହାଡ଼ ମଜବୁତ୍ ରଖିବାରେ ସହାୟକ ହୁଏ ।
- ଲଣ୍ଡନର ଗବେଷକଙ୍କ ଅନୁଯାୟୀ, ଏହି ଫଳରେ କ୍ୟାଲୋରୀ କମ ଥିବା ସହ ମିଠା ମଧ୍ୟ କମ ଥାଏ । ସେଥିପାଇଁ ମଧୁମେହ ରୋଗୀ ଏହାକୁ ଖାଇପାରିବେ ।
- ହୃଦରୋଗ ସମ୍ବନ୍ଧିତ ରୋଗ ପାଇଁ ଏହାର ରସ ସର୍ବୋତ୍ତମ ।
- ଫାଇବର ମାତ୍ରା ଏହି ଫଳରେ ଅଧିକ ଥିବା ଯୋଗୁ ପାଚନ ପ୍ରକ୍ରିୟା ଉତ୍ତମ ରୁହେ ।
- ସପୁରିର ଆଣ୍ଟିଅକ୍ସିଡାଣ୍ଟ ପାଇଁ ଯୁବତୀମାନେ ଏହାକୁ ଖାଇବା ଭଲ । ତ୍ୱଚାରେ ଏକ ଚମକ ଆସିବା ସହ ଭାଙ୍ଗ ପଡ଼ିନଥାଏ । ଏହି ଫଳ ଖାଇଲେ ଭୋକ ବୃଦ୍ଧି ହୁଏ ।
- ଦୈନିକ ଖାଲି ପେଟରେ ଏକ ଗିଲାସ ସପୁରୀ ରସ ପିଇଲେ ଶରୀରକୁ ଶକ୍ତି ମିଳେ ।
- ପ୍ରତ୍ୟେକ ଆମେରିକୀୟ ବିଦ୍ୟାଳୟରେ ୬-୧୦ ବର୍ଷ ବୟସର ପିଲାଙ୍କୁ ନିୟମିତ ସପୁରୀ ଖାଇବା ପାଇଁ ବାଧ୍ୟତାମୂଳକ ନିୟମ ରହିଛି ।



ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବ୍ଲାକ୍ ଫଙ୍ଗସ୍ ନୂଆ ସମସ୍ୟା....

କରୋନା ସଂକ୍ରମଣର ଗୋଟିଏ ପରେ ଗୋଟିଏ ଲହର ମାଡ଼ି ଚାଲିଛି। ସଂକ୍ରମଣର କରାଳ ଗ୍ରାସରେ ୨୨୦ଟି ଦେଶ ଚାଲିଆସିଲାଣି। ତମାମ ବିଶ୍ୱକୁ କଲବଲ କରୁଥିବା କରୋନା ଭୂତାଣୁ କେତେବେଳେ କେଉଁ ଅବତାରରେ ଆସୁଛି, ତାହା କେହି କଳନା କରିବା ଅବସ୍ଥାରେ ନାହାଁନ୍ତି। ଏଥିନେଇ ସମସ୍ତେ ଭୀତତ୍ରସ୍ତ ଅବସ୍ଥାରେ ଅଛନ୍ତି। ସଂକ୍ରମିତମାନେ ଏମିତିରେ ସନ୍ତ୍ରସ୍ତ ଅବସ୍ଥାରେ ଅଛନ୍ତି, ସମ୍ପର୍କୀୟ ଓ ଆତ୍ମୀୟ ସ୍ୱଜନମାନେ ସେମାନଙ୍କର ଆରୋଗ୍ୟ ପାଇଁ ପ୍ରାର୍ଥନା ଭିତରେ ବିକଳ ସ୍ଥିତିରେ ଦିନ ଗଣୁଛନ୍ତି। ଏହା ଭିତରେ ପ୍ରତିଷେଧକ ଟିକାର ବିକାଶ ହୋଇଛି, ମାତ୍ର ସୀମିତ ସଂଖ୍ୟାରେ ପ୍ରୟୋଗ ବିଭିନ୍ନ ମହଲରେ ଚିନ୍ତା ବଢ଼ାଇ ଦେଇଛି। କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ପରିମାଣରେ ଟିକା ଆମଦାନୀ ସକାଶେ ବ୍ୟବସ୍ଥା କରୁଛନ୍ତି। ବିଦେଶୀ ସଂସ୍ଥାରୁ ପ୍ରତିଷେଧକ ଟିକା ପାଇବା ପାଇଁ ଗ୍ଲୋବାଲ ଟେଣ୍ଡର କରିବା ସକାଶେ ଘୋଷଣା କରିଛନ୍ତି। ଏହା ଯେତେଶୀଘ୍ର କାର୍ଯ୍ୟକାରୀ ହେବ, ଆମ ରାଜ୍ୟର ଟିକା ଚାହିଦା ପୂରଣ ହୋଇପାରିବ। ଏହି ପଦକ୍ଷେପ ଗ୍ରହଣରେ ବିଳମ୍ବ ରହିଥାଇପାରେ ଏକାଧିକ କାରର। ଯେଉଁ ସୂତ୍ରରୁ ଟିକା ମିଳିବା କଥା, ତାହାକୁ ଯଥାସମୟରେ ବରାଦ ଦିଆଗଲା ସିନା, ଯେତିକି ଅର୍ଥରାଶି ଦେବା କଥା, ସେଥିରେ ଅହେତୁକ ଡେରି କରାଗଲା। ଏଥିପାଇଁ କାହାକୁ ଦୋଷ ଦେଇ ଲାଭ ନାହିଁ। ନେଡ଼ିଗୁଡ଼ କହୁଣିକୁ ବୋହିଗଲା ବେଳକୁ କୁହାଯାଉଛି, ଶୀଘ୍ର ଟିକା ଯୋଗାଣ କର। ମାସ ମାସ ଧରି ଗବେଷଣା ପରେ ପ୍ରତିଷେଧକ ବାହାର କରାଯିବା କିଛି ଖେଳଘର କଥା ନୁହେଁ। ଏମିତି ନାହିଁ ଯେ, ଆଜି ଧନରାଶି ଅଜାଡ଼ି ଦେଲେ କିଛି ତତ୍କାଳ ଉପଚାର ପାଇଁ କିଏ ପ୍ରସ୍ତୁତ ରହିଛି, ଯୋଗାଇ ଦେବ। ବିଳମ୍ବରେ ହେଲେ ବି କେନ୍ଦ୍ର ଓ ରାଜ୍ୟ ସରକାରମାନେ ନିଜ ସ୍ତରରେ ଟିକା ଓ ଅକ୍ସିଜେନ ବ୍ୟବସ୍ଥାରେ ଲାଗିପଡ଼ିଛନ୍ତି। ମାତ୍ର ଉଦ୍‌ବେଗର କଥା, ସଂକ୍ରମଣ ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟାରେ ଆଶାଜନକ ବିରାମ ନାହିଁ। ଦ୍ୱିତୀୟ ଲହର ନଯାଉଣୁ ତୃତୀୟ ଲହର ଆସିବା ନେଇ କେତେ କ'ଣ କଥା ସାମ୍ନାକୁ ଆସିଗଲାଣି। ଟିଭି ଖୋଲିଲେ ଖାଲି ମରଣ ଖବର, ମୋବାଇଲ୍ ବାଜିଲେ ଭୀତତ୍ରସ୍ତ ମଣିଷ ଛାତିରେ ଛନକା ପଶିଯାଉଛି। ପ୍ରଥମ ଥାକରେ ବୟସ୍କମାନେ ଗଲେ, ଏବେ ଚାଲିଛି ଭେଣ୍ଡିଆଙ୍କ ପାଳି। କେହି କେହି କହିବୁଲିଲେଣି, ଏହାପରେ କୁଆଡ଼େ ଛୁଆମାନଙ୍କୁ ଜଗିବାକୁ ପଡ଼ିବ। ୧୮-୪୪ ଗୋଷ୍ଠୀର ଟିକାକରଣ ପୂରା ଦମ୍‌ରେ ଆରମ୍ଭ ହେବା ପୂର୍ବରୁ ଦେଖାଯାଉଛି ୪୫-୬୦ ଗୋଷ୍ଠୀର ଦ୍ୱିତୀୟ ଡୋଜର ମିଆଦ ଚାଲିଗଲା ପରେ ସୁଦ୍ଧା ଚାହିଦାକୁ ଦେଖି ଟିକା ନାହିଁ। ବିଶେଷଜ୍ଞ କହୁଛନ୍ତି, ପ୍ରଥମ ଡୋଜ୍ ସରିବା ପରେ ଯଦି ଧାର୍ଯ୍ୟ ସମୟ ଭିତରେ ଦ୍ୱିତୀୟ ଟିକା ନେବେନାହିଁ, ତାହା ବେକାର ହୋଇଯିବ। ସେଥିପାଇଁ ମିଆଦ ପୂରିଯାଇଥିଲେ ସୁଦ୍ଧା କର୍ତ୍ତୃପକ୍ଷ ୪୫-୬୦ ବର୍ଗକୁ ଦ୍ୱିତୀୟ ଡୋଜ୍ ଦେବା ଉପରେ ଅଗ୍ରାଧିକାର ରଖୁଛନ୍ତି। କିଛିଦିନ ହେଲା ବ୍ଲାକ୍ ଫଙ୍ଗସ୍ ନାମରେ ଗୋଟିଏ ବ୍ୟାଧି ମୁଣ୍ଡ ଟେକିଛି। ଆମ ରାଜ୍ୟରେ ଏହା ନଥିଲା। ଦୁଇ-ତିନି ଦିନ ହେଲା ଝାରସୁଗୁଡ଼ା ଅଂଚଳର ଜଣେ ଆକ୍ରାନ୍ତ ଚିହ୍ନଟ ହେବାପରେ ରାଜଧାନୀରେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ନାକରୁ କଳାପାଣି ବାହାରିବା, ଆଖି ଲାଲ ପଡ଼ିବା ସହ ଫୁଲିଯିବା ଭଳି ଲକ୍ଷଣ ଦେଖାଯିବା ପରେ ସମ୍ପୃକ୍ତ ରୋଗୀଙ୍କୁ ନୂତନ ପଦ୍ଧତିରେ ଚିକିତ୍ସା କରାଯାଉଛି। ଭଦ୍ରବ୍ୟକ୍ତିଙ୍କ ଘରେ ବହୁକାଳ ହେଲା ବ୍ୟବହୃତ ଏୟାର କୁଲର କୁଆଡ଼େ ସଫା ହେଉନଥିଲା ଏବଂ ପାଣି ବଦଳା ଯାଉନଥିଲା। ଭୂତାଣୁର ନିରାପଦ ବସା ସାଜିଥିଲା ସେହି ଏୟାର କୁଲର। ପ୍ରଥମ ଓ ଦ୍ୱିତୀୟ ଲହର ଭଳି କିମ୍ବା ତାହାଠାରୁ ଅଧିକ ମାରାତ୍ମକ ହୋଇଥାଇପାରେ ବ୍ଲାକ୍ ଫଙ୍ଗସ୍। ଏହାର ସଂକ୍ରମଣ ନେଇ ବିଶେଷଜ୍ଞ ଏ ପର୍ଯ୍ୟନ୍ତ କିଛି ଠିକ୍ କଥା କହିବା ଅବସ୍ଥାରେ ନାହାଁନ୍ତି। ଏକମାତ୍ର ଭରସା ସଂଯମ, ଧୌର୍ଯ୍ୟ ଓ ଶୃଙ୍ଖଳା ସହ ସଙ୍କଟର ମୁକାବିଲା କରିବା। ପ୍ରଥମ ଓ ଦ୍ୱିତୀୟ ଲହର ଭଳି ନୂଆ କରି ଉଭା ହୋଇଥିବା ବ୍ଲାକ୍ ଫଙ୍ଗସ୍ ପର୍ଯ୍ୟାୟର ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି। ଟିକା, ବେଡ୍, ଅକ୍ସିଜେନ୍ ଭଳି ନୂଆ କରି ମୁଣ୍ଡ ଟେକିଥିବା ବ୍ୟାଧି ଏମିତି ସମୟରେ ଆସିଛି, ଯେତେଳେ କି ପ୍ରଶାସନ ଓ ଜନସାଧାରଣଙ୍କ ଭିତରେ ସ୍ୱଚ୍ଛତା ଓ ସାବଧାନତାକୁ ପ୍ରାଥମିକତା ଦିଆଯିବା ଜରୁରି। କାହାରି ଉପରେ ନିର୍ଭର କରି ରହିଗଲେ ସାରା ବ୍ୟବସ୍ଥା ବିଗିଡ଼ିଯିବା ସାର। ସେତେବେଳକୁ ଅବସ୍ଥା ପୂରା ମାତ୍ରାରେ ଅସମ୍ଭାଳ ହୋଇଯାଇଥିବ।

ନିଶ୍ୱାସେ ତୁମରି ନାମ ଥାଉ...

ସୁଦର୍ଶନ ମହାପାତ୍ର

ଦୃଶ୍ୟମାନ ଯାହା ଏ ବିଶ୍ୱ ମଣ୍ଡଳେ
ମାଟିର ମଲାଟ ଝଲସାଇ
ଲାଗେ ପରା ମନେ
ଆଙ୍କିଛି କେ ଧ୍ୟାନେ
ଖୁସି ମାଧୁର୍ଯ୍ୟର ରଂଗ ଦେଇ ।

ନିଠୁର ସମୟ ରଚି କେବେ ବ୍ୟୁହ
ଭାଗ୍ୟ ଭବିତବ୍ୟ ଦିଏ ଲେଖି
ମନରେ ଜାଗଇ ସଂଶୟ ଅନେକ
ଜୀବନ ଯନ୍ତ୍ରଣା ଦେଖି ଦେଖି ।

କେତେ ଯେ ବିପତ୍ତି ଆସିଛି ଏମିତି
ସତେ ରୁଦ୍ର ରୂପୀ ନଈବଢ଼ି
ଅବା ଝଡଝଞ୍ଝା ଯାଇଛି ଦୂରେଇ
ଫୁଟି ମହକିଛି ନୂଆ କଢ଼ି ।

ଏ ଜୀବ ଜଗତ ବଞ୍ଚିଛି ବଞ୍ଚିବ
ଯେତେ ବି ଆପଦ ଟଳିଯିବ
ଉଷର ମାଟିରୁ ବୀଜଟେ ଅଙ୍କୁରି
ଦିନେ ପୁଣି ମହାଦ୍ରୁମ ହେବ ।

ଅତୀତ ବିଗତ ଭବିଷ୍ୟ ଆଗତ
ନିତ୍ୟ ବର୍ତ୍ତମାନ କୋଳାହଳ
ଅମୀୟ ଆନନ୍ଦେ ପ୍ରକୃତିର ଛନ୍ଦେ
ବିବର୍ତ୍ତନ ସତ୍ୟ ଚିରକାଳ ।

ନୂତନ ସୃଜନ ହେବ ଆୟୁଷ୍ମାନ
ନ ଥିବ ଆଶଙ୍କା ଅନୁତାପ
କର୍ମର ମଣିଷ ହାରି ନାହିଁ କେବେ
ଲେଖିବ ଜୀବନେ ନୂଆ ଗଳ୍ପ ।

ଜନ୍ମ ଥିଲେ ମୃତ୍ୟୁ ଯଦି ଧ୍ରୁବ ସତ୍ୟ
ନିଃଶ୍ୱାସେ ତୁମରି ନାମ ଥାଉ
ବଞ୍ଚିବାର ସେହି ସ୍ନିଗ୍ଧ ମାଦକତା
ଲଭି ଏ ଆୟୁଷ ସରିଯାଉ ।

+କୁଞ୍ଜବିହାରୀ ଲେନ, କଟକ

ଆମ ସାଂସ୍କୃତିକ ପରମ୍ପରାରେ ଗୀତଗୋବିନ୍ଦ : ଏକ ଅଧ୍ୟୟନ

ଶ୍ରୀହରି ପଣ୍ଡା

ସାହିତ୍ୟ, ନାଟକ, ସଙ୍ଗୀତ ଓ ନୃତ୍ୟର ଅପୂର୍ବ ସମ୍ମିଶ୍ରଣ ଶ୍ରୀ ଜୟଦେବଙ୍କ କୃତ ଶ୍ରୀଗୀତଗୋବିନ୍ଦ ଯାହା ମାନବ ହୃଦୟର ଗଭୀରତମ ତନ୍ତ୍ରୀକୁ ସ୍ପର୍ଶ କରିବା ସହ ଜୀବନ ଦର୍ଶନର ସୂକ୍ଷ୍ମତମ ନିୟମକୁ ବ୍ୟାଖ୍ୟା ଓ ବୟାନ କରେ । ଏହାର ରଚନା ଶୈଳୀ, ସାଙ୍ଗୀତିକତା ଓ ମାଧୁର୍ଯ୍ୟ ଜୀବନର ପ୍ରତିଟି ମୁହୂର୍ତ୍ତକୁ ରସମୟ କରିପାରେ । ଏଥିରେ ରାଧାକୃଷ୍ଣଙ୍କ ପ୍ରେମଲୀଳା ସମ୍ପର୍କିତ ବର୍ଣ୍ଣନାକୁ ଭକ୍ତି ରସାତ୍ମକ ସ୍ୱାଦରେ ବିଭିନ୍ନ ବୃତ୍ତରେ ରଚିତ ୭୨ଟି ଶ୍ଳୋକ ଓ ବିଭିନ୍ନ ରାଗରେ ନିବଦ୍ଧ ୨୪ଟି ଗୀତର ସମାବେଶରେ ଦ୍ୱାଦଶ ସର୍ଗରେ ପରିବେଷଣ କରାଯାଇଛି । ଏହି କାବ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରୀତିବିଧାନ ନିମିତ୍ତ ପ୍ରାଚୀ ନଦୀ ତୀରରେ ଅବସ୍ଥିତ କେନ୍ଦୁବିଲ୍ୱ ବ୍ରାହ୍ମଣ ଶାସନରେ ଭୋଜଦେବ ଓ ବାମାଦେବୀଙ୍କ ଜନ୍ମିତ ସୁପୁତ୍ର ପଣ୍ଡିତ ପ୍ରବର ଜୟଦେବଙ୍କ ଦ୍ୱାରା ଶ୍ରୀମନ୍ଦିରରେ ରଚିତ ହୋଇଥିଲା । ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ସ୍ୱର୍ଗୀୟ ପ୍ରେମ ଉପରେ ଆଧାରିତ ହୋଇଥିବା ଏହି ମଧୁର ସଙ୍ଗୀତ ସମ୍ବଳିତ କାବ୍ୟଟି ଓଡିଶା କାହିଁକି ସମଗ୍ର ଭାରତ, ବିଶ୍ୱରେ ବୈଷ୍ଣବଧର୍ମାବଲମ୍ବୀଙ୍କ ନିମନ୍ତେ ପ୍ରମୁଖ ଧର୍ମଶାସ୍ତ୍ରର ମାନ୍ୟତା ଲାଭ କରିଥିଲା । ସମ୍ଭବତଃ ଗୋଟିଏ କ୍ଷୁଦ୍ରକାବ୍ୟ ମାଧ୍ୟମରେ ଏତେ ଲୋକପ୍ରିୟତା ହାସଲ କରିବା ବୋଧହୁଏ ଆଉ କୌଣସି କାବ୍ୟ ଓ କବିଙ୍କ ଭାଗ୍ୟରେ ଜୁଟିନାହିଁ । ଓଡିଶାର ଘରେ ଘରେ କି ମୂର୍ଖ, କି ପଣ୍ଡିତ ସମସ୍ତେ ଏପରିକି ସରଳା ପଲ୍ଲୀବାଳା ମଧ୍ୟ ବାଇଗଣ ତୋଳିବା ବେଳେ ତନ୍ମୟ ଚିତ୍ତରେ ମଧୁର କଣ୍ଠରେ ଏହାର 'ଧୀର ସମୀରେ ଯମୁନା ତୀରେ ବସତି ବନେ ବନମାଳୀ' ଗୀତଗାଇ ସ୍ୱୟଂ ଜଗନ୍ନାଥ ମାହାପ୍ରଭୁଙ୍କୁ ରତ୍ନସିଂହାସନରୁ ବାଇଗଣବାଡିକୁ ଓହ୍ଲାଇ ନେଇଥିଲେ,ସେ ଦେଶରେ ଏହାର ଲୋକପ୍ରିୟତା କଳନା କରିବା ଭୁଲ ହେବ । ସରଳ, ଲଳିତ, ଶ୍ରୁତିମଧୁର, ପ୍ରାଣସ୍ପର୍ଶୀ ସଙ୍ଗୀତମୟୀ ଭାଷାରେ ଓଡିଶାର ପାରମ୍ପରିକ ଯାତ୍ରା ଶୈଳୀ ଓ ଓଡିଶୀ ସଙ୍ଗୀତ ଶୈଳୀକୁ ଏହି ସଂସ୍କୃତ କାବ୍ୟରେ ଜୟଦେବ ଏଭଳି ଭାବରେ ପରିବେଷଣ କରିଛନ୍ତି ଯେ ଯାହା ଫଳରେ ଓଡିଶାର ସଂସ୍କୃତି ଭାରତ ବର୍ଷରେ ପହଞ୍ଚି ସର୍ବଜନାଦୃତ ହୋଇପାରିଥିଲା ।

ଗୀତଗୋବିନ୍ଦ ଓଡିଶାର ସାହିତ୍ୟ, କଳା, ସଙ୍ଗୀତ, ସ୍ଥାପତ୍ୟ, ବୟନଶିଳ୍ପ ଏବଂ ନୃତ୍ୟକୁ ଭୀଷଣ ଭାବରେ ପ୍ରଭାବିତ କରିଛି । ଓଡିଶୀ ନୃତ୍ୟ ଓ ସଙ୍ଗୀତ, ଗୋଟିପୁଅ ନୃତ୍ୟ ଓ ମାହାରୀ ନୃତ୍ୟ ଗୀତଗୋବିନ୍ଦ ସହିତ ଓତଃପ୍ରୋତଃ ଭାବେ ଜଡିତ । ଏହା ସହିତ ଓଡିଶାର କଳା ଓ ସଂସ୍କୃତି ଉପରେ ଗୀତଗୋବିନ୍ଦର ପ୍ରଭାବ ସ୍ୱରୂପ ଓଡିଶାର ତାଳପତ୍ର, ହସ୍ତନିର୍ମିତ କାଗଜ ଏବଂ ରେଶମ କନା ଉପରେ ଅଙ୍କିତ କ୍ଷୁଦ୍ର ଚିତ୍ରକଳା ଶ୍ରୀଗୀତଗୋବିନ୍ଦ ଦ୍ୱାରା ବହୁଳ ଭାବରେ ପ୍ରଭାବିତ ।ଏତଦବ୍ୟତୀତ ଶ୍ରୀଗୀତଗୋବିନ୍ଦ ପାଇଁ ଦଶାବତାରତତ୍ତ୍ୱ ସାରା ଭାରତରେ ପ୍ରସିଦ୍ଧି ଲାଭ କରିପାରିଥିଲା । ବିଶେଷତଃ ଓଡିଶାର ଚିତ୍ରକଳାରେ ଦଶାବତାର ଚିତ୍ରକଳା ସହ ଦଶାବତାର ଶାଢୀ, ଦଶାବତାର ମୁଦି ବହୁଳ ଭାବରେ ବ୍ୟବହୃତ ହେଉଥିଲା ଯାହାର ପ୍ରମାଣ ସାରଳା ସାହିତ୍ୟରୁ ମିଳେ । କୀଚକ କରୁଣା ଦାସୀ ହାତରେ ଦ୍ରୌପଦୀଙ୍କ ପାଇଁ ଦଶାବତାର ମାଳ ପଠାଇଥିବା କଥା ଦେଖିବାକୁ ମିଳେ (ବିରାଟ ପର୍ବ ପୃ-୫୬)। ଗୀତଗୋବିନ୍ଦର ପ୍ରଭାବ ଫଳରେ ଓଡିଶାର ସୃଷ୍ଟି ରାଧାମାଧବ ଉପାସନା ସାରା ଭାରତରେ ବିସ୍ତାର ଲାଭ କରିଥିଲା । ବିଷ୍ଣୁଙ୍କ ଷୋଳକଳାର ପ୍ରତିନିଧିତ୍ୱ କରୁଥିବା କୃଷ୍ଣଙ୍କୁ ମାଧବ ରୂପରେ ଓ ରାଧାଙ୍କୁ ଦେବୀ ରୂପରେ ଉପାସନା କରିବା ସହ ଜଗନ୍ନାଥଙ୍କଠାରେ କୃଷ୍ଣତ୍ୱର ଆରୋପ ଏହି ସମୟରେ ବିଶେଷତଃ ଜୟଦେବଙ୍କଠାରୁ ହିଁ ଆରମ୍ଭ ହୋଇଛି । ଓଡିଆ ସାହିତ୍ୟରେ ମଧ୍ୟ ଗୀତଗୋବିନ୍ଦର ପ୍ରଭାବ ବହୁ କବିଙ୍କ ସୃଷ୍ଟିରେ ଦେଖାଯାଏ । ସାରଳାଙ୍କ ସାହିତ୍ୟରେ ଗୀତଗୋବିନ୍ଦର ପ୍ରଭାବ ପରିଲକ୍ଷିତ ହେବାପରି ବହୁ ପ୍ରାଚୀନ ସାହିତ୍ୟରେ ମଧ୍ୟ ଏହାର ପ୍ରଭାବ ଦେଖାଯାଏ । ନାରାୟଣ ନନ୍ଦଙ୍କ 'ରୁଦ୍ର ସୁଧାନିଧି', ନରସିଂହ ସେଣଙ୍କ 'ଗୋପକେଳି', ବୃନ୍ଦାବନ ଦାସଙ୍କ 'ରସବାରିଧି', ବଜରୀ ଦାସଙ୍କ 'ଅର୍ଥଗୋବିନ୍ଦ', ଦୀନକୃଷ୍ଣଙ୍କ 'ଅମୃତସାଗର' ପ୍ରଭୃତି ଗ୍ରନ୍ଥରେ ଗୀତଗୋବିନ୍ଦର ପଦ୍ୟାନୁବାଦ ଶୈଳୀର ପ୍ରଭାବ ପଡିଥିବା ସ୍ପଷ୍ଟ ଜଣାଯାଏ । ଓଡିଶାର ପ୍ରାଚୀନ ସଙ୍ଗୀତ ଓ ଭାସ୍କର୍ଯ୍ୟ ଉପରେ ଗୀତଗୋବିନ୍ଦର ପ୍ରଭାବ ମଧ୍ୟ ପରିଲକ୍ଷିତ ହୁଏ । ପଣ୍ଡିତ ଶ୍ରୀଚନ୍ଦନଙ୍କ 'ବସନ୍ତରାସ'କୁ ଉଦାହରଣ ରୂପେ ନିଆ ଯାଇପାରେ । ଶ୍ରୀଚୈତନ୍ୟଙ୍କ ଭକ୍ତଜନଙ୍କର ଚିତ୍ତଆକର୍ଷଣ ନିମନ୍ତେ ବଙ୍ଗଳା ମିଶା ଓଡିଆ ଭାଷାରେ ଏହା ସେ ରଚନା କରିଥିଲେ ।ଏହାର ନାମ ବସନ୍ତରାସ ହେଲେ ମଧ୍ୟ ଏହା ଗୀତଗୋବିନ୍ଦର ଅନୁବାଦ ଏବଂ ତ୍ରୟୋଦଶ ସର୍ଗରେ ସମ୍ପୂର୍ଣ୍ଣ ହୋଇଛି । ସେହିପରି ଗୋପୀନାଥ ଧୀର ଜଗଦ୍ଦେବଙ୍କ ରଚିତ 'ସଙ୍ଗୀତ ଗୀତଗୋବିନ୍ଦ', ଶ୍ୟାମସୁନ୍ଦର ଭଞ୍ଜଙ୍କ 'ବସନ୍ତ କ୍ରୀଡା ସମୁଜ୍ଜ୍ୱଳ ରସାବଳୀ' ପ୍ରଭୃତି ଗ୍ରନ୍ଥରେ ଗୀତଗୋବିନ୍ଦର ପଦ୍ୟାନୁବାଦ ସ୍ଥାନ ପାଇଛି । ଭାସ୍କର୍ଯ୍ୟ କ୍ଷେତ୍ରରେ ମଧ୍ୟ ଗୀତଗୋବିନ୍ଦର ପ୍ରଭାବ ଫଳରେ ଦଶାବତାର ମୂର୍ତ୍ତି ସ୍ଥାନ ପାଇଛନ୍ତି । ସମ୍ଭବତଃ ଏହିଭଳି ଲୋକପ୍ରିୟତାର କାରଣରୁ ଗଙ୍ଗବଂଶୀୟ ସମ୍ରାଟ ନରସିଂହ ଦେବ(୧୨୭୮-୧୩୦୭) ଶ୍ରୀଜଗନ୍ନାଥଙ୍କ ନିକଟରେ ନିତ୍ୟ ଗୀତଗୋବିନ୍ଦ ଗାନ ଏକ ସେବା ରୂପେ ପ୍ରଚଳନ କରିଥାଇ ପାରନ୍ତି ।

ଗୀତଗୋବିନ୍ଦ ଛଡା ଜୟଦେବ ଦେଶୀୟ ଲୋକଭାଷା ଓ ଲୌକିକ ବୃତ୍ତର କବିତା ରଚନା କରିଥିଲେ । ଓଡିଆ ଭାଷାରେ ତାଙ୍କର କବିତା ଯୁଗ ଯୁଗ ଧରି ଲୋକପ୍ରିୟ ହୋଇ ଆସିଛି ଏବଂ ପରବର୍ତ୍ତୀ ଷୋଡଶ ଶତାବ୍ଦୀ ସୁଦ୍ଧା ଅନ୍ୟାନ୍ୟ ବୈଷ୍ଣବ ଗୀତିକବିମାନଙ୍କର ପୁଷ୍କଳ ବିକାଶ ଘଟିବାରେ ତାହା ଲୋକସ୍ମୃତିରୁ କ୍ରମେ ବିସ୍ମୃତ ହୋଇ ଇତସ୍ତତଃ ପାଣ୍ଡୁଲିପିମାନଙ୍କରେ ଲିପିବଦ୍ଧ ହୋଇ ପଡି ରହିଛି । ଜୟଦେବଙ୍କ କବିତାରେ ବ୍ୟବହୃତ ଭାଷା ତାଙ୍କ ପୂର୍ବରୁ ଦୋହାମାନଙ୍କରେ ବ୍ୟବହୃତ ହେଉଥିଲା । ଦୋହାର ଭାଷା ମାର୍ଜିତ ଓ ବିକଶିତ ହୋଇ ଗୀତଗୋବିନ୍ଦରେ ପୂର୍ଣ୍ଣତା ଲାଭ କରିବା ସହ ଗଙ୍ଗ ରାଜତ୍ୱକାଳରେ ଓଡିଆ ଭାଷା ସର୍ବପ୍ରଥମେ ସରକାରୀ ଭାଷାର ମାନ୍ୟତା ପାଇଲା ।

ଜୟଦେବଙ୍କ ଜନ୍ମ ସ୍ଥାନକୁ ନେଇ ବହୁ ବିତର୍କ ହୋଇଆସିଛି । ପ୍ରାୟତଃ ଅଧିକାଂଶ ଗବେଷକ ଶ୍ରୀଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ ବୋଲି ମାନୁଥିବା ବେଳେ ଜଣେ ଅଧେ ସମାଲୋଚକ ବୀରଭୁମିର କେନ୍ଦୁଲି ବୋଲି ଯୁକ୍ତି କରିଥାନ୍ତି । ଦୁର୍ଭାଗ୍ୟର ବିଷୟ ପଶ୍ଚିମବଙ୍ଗ ସରକାରଙ୍କ ପ୍ରପାଗଣ୍ଡା ପାଇଁ ଆଜି ଅଜୟ ନଦୀ ତଟସ୍ଥ କେନ୍ଦୁଲି ଜୟଦେବଙ୍କ ଜନ୍ମସ୍ଥାନ ବୋଲି ସର୍ବଭାରତୀୟ ସ୍ତରରେ ପ୍ରଖ୍ୟାତ ହୋଇପାରିଛି । ମାତ୍ର ସୁକୁମାର ସେନ ପ୍ରଭୃତି ବଙ୍ଗାଳୀ ଗବେଷକ ଏବଂ ବହୁ ଆନ୍ତର୍ଜାତୀୟ ସମାଲୋଚକ ଜୟଦେବଙ୍କ ଜନ୍ମସ୍ଥାନ ପ୍ରାଚୀନଦୀକୂଳର କେନ୍ଦୁଲୀ ବା କେନ୍ଦୁବିଲ୍ୱ ବୋଲି ସ୍ୱୀକାର କରିଛନ୍ତି । ଷୋଡଶ ଶତାବ୍ଦୀର ପ୍ରଥମ ଓ ଦ୍ୱିତୀୟ ଦଶକରେ ଏଠାକୁ ଶ୍ରୀଚୈତନ୍ୟ, ପଞ୍ଚସଖା ଓ ବୈଷ୍ଣବ ଭକ୍ତମଣ୍ଡଳୀ ପ୍ରତିବର୍ଷ ସଂକୀର୍ତ୍ତନ ପଦଯାତ୍ରାରେ ଆସି, ଜୟଦେବଙ୍କ ଗୀତଗୋବିନ୍ଦ ଗାଇ ପ୍ରାଚୀର ତ୍ରିବେଣୀ ସଙ୍ଗମରେ ସ୍ନାନ କରୁଥିଲେ । ଏହାର ସ୍ମୃତି ସ୍ୱରୂପ ଏବେ ବି ମାଘ ପୂର୍ଣ୍ଣମୀ ଦିନ ଏଠାରେ ବାର୍ଷିକ ମେଳା ଅନୁଷ୍ଠିତ ହେଉଅଛି ।

ଗୀତଗୋବିନ୍ଦକୁ ନେଇ ବହୁ ଅଲୌକିକ କଥା ଶୁଣିବାକୁ ମିଳେ । ସେହି କଥା ମଧ୍ୟରୁ କେତୋଟିର ସ୍ମୃତିଚାରଣ ନକଲେ ବୋଧହୁଏ ଆଲୋଚନା ଅପୂର୍ଣ୍ଣ ରହିବ । କଥାନୁସାରେ ପରମବୈଷ୍ଣବ, ମହାପଣ୍ଡିତ, ଜିତେନ୍ଦ୍ରିୟ, ବିରକ୍ତ, ନିଃସଙ୍ଗ, ଉଦାସୀ ଜୟଦେବ ଦିନେ ଶ୍ରୀକ୍ଷେତ୍ରରେ ପ୍ରବେଶ କରି ଏକ ବିଶାଳ ବଟବୃକ୍ଷ ତଳେ ଶ୍ରୀଜଗନ୍ନାଥଙ୍କର ସେବା କରିବାରେ ଲାଗିଲେ । ସେହି ସମୟରେ ଜଣେ ଦକ୍ଷିଣ ଦେଶରେ ଅପତ୍ୟ ବ୍ରାହ୍ମଣ ଜଗନ୍ନାଥଙ୍କ କୃପାରୁ କନ୍ୟାଟିଏ ପାଇଥିବାରୁ ପୂର୍ବ ସଂକଳ୍ପ ଅନୁସାରେ କନ୍ୟାଟିକୁ ନେଇ ଜଗନ୍ନାଥଙ୍କୁ ସମର୍ପିବା ପାଇଁ ଆସୁଥାନ୍ତି । ରାତିରେ ଜଗନ୍ନାଥ ସ୍ୱାପ୍ନାଦେଶରେ କନ୍ୟାକୁ ଦାସୀ ଭାବରେ ଗ୍ରହଣ କରିଛନ୍ତି ବୋଲି କହିବା ସହ ସେହି ବଟବୃକ୍ଷ ମୂଳେ ବସିଥିବା ବ୍ରାହ୍ମଣଙ୍କୁ ସମର୍ପି ଦେବା ନିମନ୍ତେ ନିର୍ଦ୍ଦେଶ ଦେଲେ । ବ୍ରାହ୍ମଣ ନିଜ କନ୍ୟାକୁ ଆଣି ଜୟଦେବଙ୍କ ଅର୍ପଣ କରନ୍ତେ ଜୟଦେବ ରାଜି ନହେବାରୁ ବିରକ୍ତ ହୋଇ ବ୍ରାହ୍ମଣ କନ୍ୟାକୁ ଜୟଦେବଙ୍କ ପାଖରେ ଛାଡି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ବାଧ୍ୟ ଜୟଦେବ କନ୍ୟା(ପଦ୍ମାବତୀ)କୁ କୁଟୀରଟିଏ ନିର୍ମାଣ ପୂର୍ବକ ଶରଣ ଦେଲେ ଏବଂ ରାଧାମାଧବଙ୍କୁ ପ୍ରତିଷ୍ଠା ପୂର୍ବକ ଉପାସନା କଲେ । ବହୁ ଅଲୌକିକ ଗୁଣର ଅଧିକାରିଣୀ ଏହି କନ୍ୟା ପଦ୍ମାର ହାତରନ୍ଧା ଖାଦ୍ୟ ଖାଇବାକୁ ଛଦ୍ମ ରୂପରେ ମାଧବ(ଜଗନ୍ନାଥ) ଆସି ହାତରନ୍ଧା ରୋଷେଇ ଭୋଜନ କରି ତୃପ୍ତ ହୋଇଥିଲେ । ଭିନ୍ନ କଥାନୁସାରେ ବନମାଳୀ ପୁରର ଚାଷୀଝିଅ ମାଳିନୀ ବାଇଗଣ କିଆରୀରେ ଗୀତଗୋବିନ୍ଦ ବୋଲି ବାଇଗଣ ତୋଳୁଥାଏ । ତାର ସେ ମଧୁସ୍ରାବୀ କଣ୍ଠରୁ ଗୀତଗୋବିନ୍ଦ ଶୁଣିବାକୁ ଜଗନ୍ନାଥ ସ୍ୱୟଂ ବାଇଗଣ କିଆରୀରେ ପହଞ୍ଚିଯାଇ ମାଳିନୀର ଫଛେ ପଛେ ଗୀତ ଶୁଣି ଶୁଣି ଯାଉଥାନ୍ତି । ଆବଡା ଖାବଡା,କଣ୍ଟାଝଣ୍ଟାରେ ଜଗନ୍ନାଥଙ୍କ ପୀତାମ୍ବରୀ ଛିଣ୍ଡିଗଲାଣି, ସ୍ୱୟଂ ମଧ୍ୟ ଖଣ୍ଡିଆ ଖାବରା ହୋଇଗଲେଣ



ଧାରାବାହିକ ପୌରାଣିକ ଉପନ୍ୟାସ

ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଭାଗ-୧୭

ବାସ୍ତବରେ, କିଏ କାହାର ମିତ୍ର ଅବା ଶତ୍ରୁ । ତା' କ'ଣ କେହି ଜାଣିଛି । ଆଜନ୍ମରୁ ତ କେହି କାହାରି ଶତ୍ରୁ ଅବା ମିତ୍ର ହୋଇ ଜନ୍ମ ନେଇ ନଥାଏ । ସମୟ ହିଁ ପରସ୍ପରକୁ ପରସ୍ପର ଠାରୁ ଦୂରେଇ ନିଏ । ଶତ୍ରୁତାର ବିଷ ସଞ୍ଚରି ଦିଏ । ମଣିଷ ମନର କାମ, କ୍ରୋଧ, ଲୋଭ ହିଁ ମଣିଷକୁ ପାପ ଆଡ଼କୁ ଟାଣି ନେଇଥାଏ । ଆଉ ଏଇଥିପାଇଁ ତ ସଂଘର୍ଷର ସୃଷ୍ଟି । ବେଦରେ ଅଛି କାହାର ଧନ ପ୍ରତି ଲୋଭ କରନାହିଁ । କିନ୍ତୁ ରାଜପରିବାର ମଧ୍ୟରେ ଶତ୍ରୁତାର କାରଣ ତ ଏଇ ଲୋଭ ।

ଜାଣ କର୍ଣ୍ଣ, ଆମ ମହାରାଜ କେବଳ ଅନ୍ଧନୁହଁନ୍ତି । ରାଜ୍ୟ ଶାସନରେ ମଧ୍ୟ ଅନ୍ଧ । ନ ହେଲେ ଏବେଠାରୁ ସେ ନୀତି ବିରୋଧୀ ପ୍ରସଂଗ ସବୁ ଉଠାନ୍ତେ କାହିଁକି ? ଏଇ ଯେମିତି ଶକୁନିଙ୍କ ପରାମର୍ଶକ୍ରମେ ଏବେ ଠାରୁ ସେ ପାଣ୍ଡୁପୁତ୍ରଙ୍କ ପ୍ରତି ବିଦ୍ୱେଷ ପୋଷଣ କରି ଚାଲିଛନ୍ତି । ଏ କ'ଣ ପ୍ରକୃତରେ ନ୍ୟାୟ ? ମୁଁ ଲକ୍ଷ୍ୟ କରେ, କୌଣସି ଦର୍ଶନଶାସ୍ତ୍ର ଆଲୋଚନା ବେଳେ ଅଶ୍ୱତ୍‌ଥାମା ଭୀଷଣ ଗମ୍ଭୀର ହୋଇପଡ଼ନ୍ତି ।

ମୁଁ କିଛି ଭାବପାରୁ ନଥିଲି । ମହାରାଜଙ୍କ ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନ ଏବେବି ପ୍ରାପ୍ତ ବୟସ୍କ ନୁହଁନ୍ତି । ଏଇ ଦିନରୁ ଯଦି ତାଙ୍କ ମନରେ ଶତ୍ରୁତାର ବିଷମଞ୍ଜି ପୋତି ଦିଆଯାଏ, ତେବେ ଫଳ ଯେ କି ବିଷମୟ ହେବ, ତା କିଏ ଜାଣେ । ମୋର ପରମ ମିତ୍ର ଦୁର୍ଯ୍ୟୋଧନଙ୍କ ପ୍ରତି ମୋର ଗଭୀର ସମବେଦନା ରହିଛି । ଯେକୌଣସି ପରିସ୍ଥିତିରେ ସେ ସଦା ସୁରକ୍ଷିତ ରହିଥାନ୍ତୁ । ତାଙ୍କ ଉପରକୁ ଭବିଷ୍ୟତରେ ଯେପରି କୌଣସି ବିପଦ ନଆସୁ ଏହାହିଁ ମୋର ତାଙ୍କ ପ୍ରତି ଶୁଭେଚ୍ଛା । ଆଶ୍ରମ ଜୀବନ କାଳରେ ମୋର ଯଦି କେହି ବେଶି ଶୁଭାକାଂକ୍ଷୀ ଥାଏ ତେବେ, ସେ ତ ମୋର ଅତି ଆପଣାର ଦୁର୍ଯ୍ୟୋଧନ । ଦୁର୍ଯ୍ୟୋଧନଙ୍କୁ ମିତ୍ର ରୂପେ ପାଇ ମୁଁ ଭୁଲି ଯାଇଥିଲି ମୋର ନିଜସ୍ୱ ଯନ୍ତ୍ରଣା ଆଉ ଦୁଃଖ । ସତରେ ଯେମିତି ଦୁର୍ଯ୍ୟୋଧନ ହିଁ ଥିଲେ ମୋ ପ୍ରାଣର ସ୍ପନ୍ଦନ । ନିଃଶ୍ୱାସର ପବନ । ଏତେ ଶ୍ରଦ୍ଧା, ମମତା, ବିଶ୍ୱାସ ଓ ଆନ୍ତରିକତା ମଧ୍ୟରେ ଆମର ଦୁଇଟି ଆତ୍ମାର ବନ୍ଧନ ଥିଲା ଶକ୍ତ । ମୁଁ ତେଣୁ ମନେମନେ ଶପଥ କରିନେଲି ଯେକୌଣସି ପରିସ୍ଥିତିରେ ସର୍ବଦା ମିତ୍ରଙ୍କ ପାଖେପାଥେ ଥିବି । ମିତ୍ରତାର ପ୍ରତିଦାନ ତାଙ୍କୁ ଅବଶ୍ୟ ଦେବି । ସମଗ୍ର ଜଗତବାସୀଙ୍କୁ ଦେଖାଇଦେବି ଆମ ମିତ୍ରତା କେମିତି ବଳିଷ୍ଠ, କେତେ ଆଦର୍ଶ । ଯୁଗଯୁଗ ଧରି ଆମର ମିତ୍ରତା ସମଗ୍ର ଜଗତବାସୀଙ୍କ ଆଗରେ ଏକ ବିରଳ ଦୃଷ୍ଟାନ୍ତଟିଏ ହୋଇ ରହିଯିବ ।

ଅଶ୍ୱତ୍‌ଥାମା ଓ ମୋ ଭିତରେ ଆଲୋଚନା ମଧ୍ୟରେ ସମୟ ଯେ ଅତିକ୍ରାନ୍ତ ହୋଇଗଲାଣି ତାହା ଆମେ ଦୁହେଁ ଜାଣିପାରି ନଥିଲୁ । ରାତ୍ରିର ପ୍ରହର ବଢ଼ି ଚାଲିଥିଲା । ଅଶ୍ୱତ୍‌ଥାମା ଏଥର ବିଦାୟ ନେଲେ । ମୁଁ ମଧ୍ୟ ମୋ କୋଠରିକୁ ଫେରିଆସିଲି । ସାରା ରାତି ମୋ ଭିତରେ ଆନ୍ଦୋଳିତ ହେଉଥିଲା ଅଶ୍ୱତ୍‌ଥାମାଙ୍କ କଥାଗୁଡ଼ିକ । ମନରେ ଉତ୍ତେଜନା ଓ ଭାବାବେଗରେ ଅତିକ୍ରାନ୍ତ ହୋଇଗଲା ରାତ୍ରିର ପ୍ରହର ଗୁଡ଼ିକ ।

- ପନ୍ଦର -

ଗୁରୁକୁଳ ଆଶ୍ରମରେ ମୋର ଅବସ୍ଥାନ ଓ ପାଠପଢ଼ା ମଧ୍ୟରେ ମୋ ଜୀବନ ପ୍ରବାହ ବେଶ୍ ଗଡ଼ି ଚାଲିଥିଲା । ନିଜସ୍ୱ କର୍ମ ଓ କର୍ତ୍ତବ୍ୟ ମଧ୍ୟରେ ଘରକଥା ଭୁଲିଯିବାକୁ ପଡୁଥିଲା । ହେଲେ ମା, ଘର, ଗାଁକୁ କେହି କ'ଣ କେବେ ଭୁଲିଯାଇ ପାରେ ?

ସେଦିନ ବାପା ଆସିଥିଲେ ଆଶ୍ରମକୁ ଆଚାର୍ଯ୍ୟଙ୍କ ସହ କ'ଣ କଥା ହେଉଥିଲେ । ମୋତେ ଛୁଟିଦେବା ନିମନ୍ତେ ନିବେଦନ କରୁଥିଲେ। ବାପାଙ୍କ କଥାରେ ଦ୍ରୋଣାଚାର୍ଯ୍ୟଙ୍କ ଆଜ୍ଞାରେ ଗାଁକୁ ଯିବାକୁ ମୋତେ ଛୁଟି ମିଳିଲା । ରାଧାମାଆ ମୋ ଆଖିଆଗରେ ନାଚି ଯାଉଥିଲା । କେତେ ଭଲ ସତରେ ମାଆ । ଏତେଦିନ ପରେ ଯିବି, ସତରେ ମୋତେ ଦେଖି ସେ କେତେ ଖୁସି ନହେବ ।

ବାପାଙ୍କ ସହ ଗାଁକୁ ଗଲି । ମାଆଙ୍କୁ ଦେଖି ମନଟା ମୋର ଭାଂଗିଗଲା । ଦେହର ଅସୁସ୍ଥତାକୁ ସେ ମୋ ଆଗରେ ପ୍ରକାଶ କରୁନଥିଲେ ବି ମୁଁ ବେଶ୍ ଜାଣିପାରିଲି । ମାଆ ମନ ତ । ମୋତେ ପାଇ ସେ ବହୁତ ଖୁସିହେଲା । ସାରାଦିନ ମୋତେ ଭଲ ଭଲ ଖୁଆଇବା ପାଇଁ ସେ ଯତ୍ନରେ ଲାଗି ପଡ଼ିଥିଲା ।

ବାସ୍ତବରେ ମାଆର ସ୍ନେହ । ସନ୍ତାନ ପାଇଁ ସଦା ଛଳଛଳ । ଆଶ୍ରମ ଜୀବନର ଶୈଳୀ ଭିନ୍ନ। ସେଠି ମୁଁ ସିନା ଭବିଷ୍ୟତ ନିର୍ମାଣ ଲାଗି ପଡ଼ି ରହିଥିଲି । ହେଲେ, ମାଆର ପଣତ ତଳର ଛାଇ ସେଠି ମିଳିବା କଷ୍ଟକର । ଛୁଟି ମୋର ସରି ଆସୁଥିଲା । ହେଲେ, ମାଆକୁ ଛାଡ଼ିଯିବା ପାଇଁ ମନ ଚାହୁଁ ନଥାଏ । ବାପା ବ୍ୟସ୍ତ ହେଉଥିଲେ । ଆଚାର୍ଯ୍ୟ ଯଦି ରାଗ କରନ୍ତି । ତାଛଡ଼ା ଆଶ୍ରମରେ ପଢ଼ା ଅନେକ ଆଗେଇ ଯାଇଥିବ । ମୁଁ ତେଣୁ ସେମାନଙ୍କ ଠାରୁ ପଛରେ ପଡ଼ିଯିବି । ଏହିସବୁ ଚିନ୍ତାକରି ବାପାଙ୍କ ସହ ମୋ କର୍ମମୟ ସ୍ଥାନ ଆଶ୍ରମକୁ ବାହାରିଲି । ମୋତେ ବିଦାୟ ଦେବାବେଳେ ମାଆଙ୍କ ଛଳଛଳ ଆଖିଆଡ଼େ ମୁଁ ଅନାଇ ପାରୁ ନଥିଲି । ମନେମନେ କହୁଥିଲି, ବ୍ୟସ୍ତ ହୁଅନି ମାଆ, ଯେଉଁଦିନ ମୁଁ ଜଣେ ମହାବୀର ହୋଇ ତୁମରି କୋଳକୁ ଫେରିଆସିବି ସେଦିନ କଣ ତୁମେ ଖୁସି ହେବନି । ସେତେଦିନ ଧୈର୍ଯ୍ୟ ଧରି ଆଶୀର୍ବାଦ କର । ପୁତ୍ର ତୁମର ଯଶସ୍ୱୀ ହେଉ ।

କୁହାଯାଏ ପିତା ସ୍ୱର୍ଗ, ମାତା ସ୍ୱର୍ଗ । ସନ୍ତାନ ପାଇଁ ପିତା, ମାତାଙ୍କ ଆଶୀର୍ବାଦ ହିଁ ଶ୍ରେଷ୍ଠ ଆଉ ମୁଁ ସେମିତି ଏକ ସନ୍ତାନ । ଯିଏ ପିତାମାତାଙ୍କ ଆଶୀର୍ବାଦରୁ ବଞ୍ଚିତ ନୁହେଁ । ତେଣୁ ମୁଁ ଯଶସ୍ୱୀ ନ ହେବି କାହିଁକି ? ଆଶ୍ରମରେ ମାଆଙ୍କ ଠାରୁ ମୁଁ ଦୂରରେ ରହେ ସତ । ହେଲେ ମାଆଙ୍କ ପ୍ରତିଛବି ଉଙ୍କିମାରେ ମନରେ । ଆଉ ବାପାଙ୍କ ସହ ସାକ୍ଷାତ ହେବାରେ ଆଶ୍ରମରେ ଅସୁବିଧା ନାହିଁ । ସମୟ ଦେଖି ବାପା ଆଶ୍ରମ ଆଡ଼େ ଆସନ୍ତି ମୋ ସହ ଦେଖାକରି ସୁଖ, ଦୁଃଖ ହୁଅନ୍ତି । ଗୁରୁଦେବଙ୍କ ଠାରୁ ମୋ ଶିକ୍ଷାଦୀକ୍ଷା ବିଷୟ ବୁଝିନିଅନ୍ତି । ମନେମନେ ମୋର ତେଣୁ ବାପା, ମାଆଙ୍କ ପଦତଳେ ମୁଣ୍ଡ ନଇଁଯାଏ । କୃତଜ୍ଞତାରେ ଭରିଯାଏ ମୋର ହୃଦୟ । ସତରେ, ଗୁରୁଦେବଙ୍କ ଠାରୁ ଅସ୍ତ୍ରଶିକ୍ଷା କରିବାର ଯୋଗ୍ୟତା ତ ମୋର ନଥିଲା । କେବଳ ବାପା ରାଜସାରଥୀ ଥିବାରୁ ସିନା ମୋତେ ଏ ସୁଯୋଗ ମିଳିଥିଲା । ନହେଲେ ସୂତପୁତ୍ରକୁ ଶିକ୍ଷା ଦେବ କିଏ ?

ମୋ ବାପାଙ୍କ ମହନୀୟତା ଥିଲା ଅତୁଳନୀୟ । ନିଜେ ସାରଥୀ ହୋଇ ବି ମୋତେ ସେ ବୀର କରିବାର ସ୍ୱପ୍ନ ଦେଖିଥିଲେ । ମୋ ପାଇଁ ତେଣୁ ମହାରାଜଙ୍କ ଠାରେ କାତର ପ୍ରାର୍ଥନା କରି ଅସ୍ତ୍ରଶିକ୍ଷା ପାଇଁ ପ୍ରସ୍ତାବ ବାଢ଼ିଥିଲେ । ମୁଁ ତେଣୁ ଆଜି ଯଦି ଦ୍ରୋଣାଚାର୍ଯ୍ୟଙ୍କ ଶିଷ୍ୟ ହୋଇ ପାରିଥାଏ, ତା ପଛରେ ଥିଲା ମୋ ବାପାଙ୍କ ତ୍ୟାଗ ଆଉ ଧୈର୍ଯ୍ୟ । ତେଣୁ ମନେମନେ ମୁଁ ଠିକ୍ କଲି ବାପାଙ୍କ ଟେକ ରଖିବାକୁ ମୁଁ ସଦା ଚେଷ୍ଟିତ ହେବି । ଯଦି କେବେ ସମୟ ଆସେ, ପିତୃଭକ୍ତ ସନ୍ତାନର ଉପଯୁକ୍ତ କର୍ତ୍ତବ୍ୟ କ'ଣ ତାହା ମୁଁ ଜଗତବାସୀଙ୍କୁ ଦେଖାଇଦେବି ।

ଗାଁରୁ ଫେରିବା ପରେ ବାପା ମୋତେ ଆଶ୍ରମକୁ ଛାଡ଼ିବାକୁ ଆସିଥିଲେ । ମନଟା ଭଲ ଲାଗୁ ନଥିଲା । ଆଶ୍ରମକୁ ଆଉ ଅଳ୍ପବାଟ ଅଛି ବାପା କହିଲେ, ବସୁ ଏଇଠୁ ଆଶ୍ରମକୁ ଚାଲିଯା। ମୁଁ ଯାଉଛି ମୋ କାମରେ ।

ଏଇ ଆଗରେ ତ ଆଶ୍ରମ, ଆଉ ମୁଁ ଏକା ତ ଯାଇପାରିବି । ତୁମକୁ କଷ୍ଟକରି ଆଉ ଆସିବାକୁ ପଡ଼ିବନି । ବାପା ତାଙ୍କ ବାଟରେ ଫେରିଗଲେ । ଆଉ ମୁଁ ଆଶ୍ରମ ଅଭିମୁଖେ ଆଗେଇ ଯାଉଥିଲି ।

ପଛରୁ ମୋ ନାମଧରି କିଏ ଡାକୁଥିଲା । ଆରେ, କର୍ଣ୍ଣ ତୁମେ କେବେ ଆସିଲ ? ଶୁଣିଥିଲି, ତୁମେ ଗାଁକୁ ଯାଇଥିଲ ? କ'ଣ ଗାଁର ସବୁ ଖବର କୁଶଳ ତ ? କେମିତି ଅଛନ୍ତି ତୁମ ମାଆ ?

ହଁ ଏଇ ତ ଫେରୁଛି ଗାଁରୁ । ସବୁ ଏକପ୍ରକାର ଚାଲିଛି । ମୋ ମୁହଁରେ ବିଷଣ୍ଣତାର ଛାପ । ଦୁର୍ଯ୍ୟୋଧନ ମୋତେ ଦେଖି କ'ଣ ବୁଝିଲେ କେଜାଣି ମୋତେ ତାଙ୍କୁ ଦୁଇବାହୁ ମଧ୍ୟରେ ଭିଡ଼ି ଧରିଲେ ।

କର୍ଣ୍ଣ ତୁମେ ଏତେ ଉଦାସ ଦିଶୁଛ କାହିଁକି ? କ'ଣ ମନ ଭଲ ନାହିଁ ନା ଗାଁର କୌଣସି ଦୁଃସମ୍ବାଦ ଅଛି ?

ମୋ ଆଖିରୁ ଅମାନିଆ ଲୁହ କେଇଟୋପା ଝରି ପଡୁଥିଲା । ଦୁର୍ଯ୍ୟୋଧନଙ୍କ ସମବେଦନାରେ ମୁଁ ତରଳି ଯାଉଥିଲି । ସତରେ କେତେ ଉଦାସ କେତେ ବିଶାଳ ହୃଦୟ ଏଇ ଦୁର୍ଯ୍ୟୋଧନଙ୍କର । କିଏ କହେ ସେ ଅଭିମାନୀ, ଅହଂକାରୀ, କ୍ଷଣକୋପୀ ବୋଲି । ମୁଁ ନିଜକୁ ଧନ୍ୟ ମନେ କରୁଥିଲି । ସତରେ କ'ଣ ଆମର ଏ ମିତ୍ରତାର ବନ୍ଧନ ଯୁଗଯୁଗ ଧରି ଆଦର୍ଶ ହୋଇ ରହିଥିବ ।

ଦୁହେଁ ଗପସପ କରି ଆଗେଇ ଚାଲିଥିଲୁ ଆଶ୍ରମ ଆଡ଼େ । କଥାଛଳରେ ଦୁର୍ଯ୍ୟୋଧନ ମୋତେ କହୁଥିଲେ । ଜାଣ କର୍ଣ୍ଣ, ତୁମ ଅନୁପସ୍ଥିତିରେ ଅନେକ କିଛି ଘଟଣା ଘଟିଯାଇଛି ଆଶ୍ରମରେ ।

ଘଟଣା, କି ଘଟଣା

ହଁ ସେଇ ନିଷାଦ କୁମାର

କିଏ ? ଏକଲବ୍ୟ, କ'ଣହେଲା ତାଙ୍କର । ତାଙ୍କର ନାମଟି ଉଚ୍ଚାରଣ କଲାମାତ୍ରେ କିଏ ଯେମିତି ମୋ ଛାତିରେ ପଥରଟିଏ ଚାପିଦିଏ । ଘନଘନ ଦୀର୍ଘଶ୍ୱାସ ନିର୍ଗତ ହୁଏ ।

କୁହ ମିତ୍ର କ'ଣ ହେଲା ସେ ଏକଲବ୍ୟର । ମୋ ମନର ଆବେଗ ଓ ଉତ୍କଣ୍ଠା ବଢୁଥିଲା । କିଛି ପଛକୁ ଫେରି ଯାଉଥିଲି ମୁଁ ।

ଦୁର୍ଯ୍ୟୋଧନ କହୁଥିଲେ ମନେଅଛି ମିତ୍ର, ଆଜକୁ ଠିକ୍ ଚାରିବର୍ଷ ତଳେ ସେ ଆମ ଶିକ୍ଷାୟତନକୁ ଆସିଥିଲା ଅସ୍ତ୍ରଶିକ୍ଷା ପାଇଁ । ଗୁରୁଦେବଙ୍କ ଶିଷ୍ୟତ୍ୱ ପାଇଁ କେତେ ଅନୁନୟ ବିନୟ କରୁଥିଲା । ଆଉ ଗୁରୁଦେବ ତାକୁ ଉପହାସିତ କରି ଶୂନ୍ୟହସ୍ତରେ ଫେରାଇ ଦେଇଥିଲେ । ସାମାନ୍ୟ ନିଷାଦ କୁମାରକୁ ଶିଷ୍ୟରୂପେ ଗ୍ରହଣ କରିବାକୁ ରାଜି ହୋଇ ନଥିଲେ ।

ହଁ ହଁ ମନେପଡୁଛି । ମନେପଡୁଛି ଲିଭି ଆସୁଥିବା ନିଆଁରେ ଇନ୍ଧନ ଢାଳିଦେବା ଭଳି ମୋ ମନ ତଳର ପାଉଁଶ ଗଦାରୁ କ୍ରମଶଃ ଝୁଲ ଉଦ୍‌ଭାସିତ ହୋଇ ଉଠୁଥିଲା । ନୀଚଜାତିରେ ଜନ୍ମ ନେଇଥିବା ନିଷାଦ କୁମାରର ଅପମାନରେ ସେଦିନ ମୋ ମାଂସପେଶୀ, ଶିରା, ପ୍ରଶିରାରେ କମ୍ପନ ତୋଳିଥିଲା । ଆଜି ବି ମୁଁ ତାକୁ ସ୍ମରଣ କରି କମ୍ପି ଉଠୁଥିଲି ।

କୁହ ଦୁର୍ଯ୍ୟୋଧନ ଚୁପ୍ ରହିଲ କାହିଁକି କ'ଣ ହେଲା ?

କ'ଣ କହିବି, ଆମ ଗୁରୁଦେବ ଯେ ନିଷ୍ଠୁରତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ତାହା ପ୍ରମାଣ କରିଦେଲେ ସର୍ବସମ୍ମୁଖରେ । ଦ୍ରୋଣାଚାର୍ଯ୍ୟଙ୍କ ଭଳି ଜଣେ ବେଦଜ୍ଞ ବ୍ରାହ୍ମଣ ପୁଣି ଏଭଳି ନୀଚ କାମ କରିପାରନ୍ତି ତାହା ଥିଲା ଆମ ଧାରଣାର ବାହାରେ।

ଦୁର୍ଯ୍ୟୋଧନର ଦୁଇବାହୁକୁ ଜୋରରେ ହଲାଇ ଦେଇ ପଚାରିଲି ।

କୁହ ମିତ୍ର କ'ଣ ଘଟିଗଲା ତା ଜୀବନରେ ।

ଧୈର୍ଯ୍ୟଧରି ଶୁଣିପାରିବ ତ ସେ ଘଟଣା !

ଆମ ଗୁରୁଦେବ ଦ୍ରୋଣାଚାର୍ଯ୍ୟ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ । ହେଲେ ତୁମେ ତ ଜାଣ ସେ ଅତ୍ୟନ୍ତ ଶିକାରପ୍ରିୟ । ଶିକାର ଉଦ୍ଦେଶ୍ୟରେ ସେ ଜଂଗଲ ଭ୍ରମଣ କରିବାକୁ ଅନେକଥର ବାହାରନ୍ତି । ସେଦିନ ବି ଠିକ୍ ସେମିତି ଏକ ସୁଯୋଗ ମିଳିଥିଲା ତାଙ୍କୁ । ଆମେ ସବୁ ଶିଷ୍ୟ ତାଙ୍କ ସାଂଗରେ ଥିଲୁ। ରାସ୍ତାସାରା ଆମକୁ ସେ ବିଭିନ୍ନ ପ୍ରଶ୍ନ ପଚାରି, ବାଣମାରି ପରୀକ୍ଷା କରୁଥାଆନ୍ତି । ଆମେ ମଧ୍ୟ ରାଜକୁମାର ମାନେ ବହୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ତାଙ୍କ ସଂଗରେ ଚାଲିଥାଉ । ଆମ ସହ ଥାନ୍ତି ଶିକାରୀ କୁକୁର । ବାଟରେ ଆମେ ତାଙ୍କ ନିର୍ଦ୍ଦେଶରେ ଶିକାର କରୁଥାଉ । ଏମିତି ଯାଉଥିବା ବେଳେ ହଠାତ୍ ଏକ ଶବ୍ଦରେ ଆମେ ସମସ୍ତେ ଅଟକିଗଲୁ । ଆମରି ଶିକାରୀ କୁକୁରଟିର ମୁହଁକୁ ସୂଚୀବାଣରେ କିଏ ବିଦ୍ଧ କରି ଦେଇଥିଲା । ଯନ୍ତ୍ରଣାରେ ତା ମୁହଁରୁ ଅସ୍ପଷ୍ଟ ଚିତ୍କାର ଶୁଭୁଥିଲା । ଆମେ ସମସ୍ତେ ପରସ୍ପରକୁ ଆଶ୍ଚର୍ଯ୍ୟ ଚକିତ ଭାବେ ଅନାଇ ରହିଥାଉ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

ଦୃଢ ମନୋବଳ କରୋନାର ପ୍ରଥମ ପ୍ରତିକାର

ଶ୍ୱେତା ରାଉତ୍

ଏବେ ଆମେ ସମସ୍ତେ ଏମିତି ଏକ ଦୁଃସମୟ ଓ ଭୟବହତା ଭିତର ଦେଇ ଗତି କରୁଛନ୍ତି ଯାହା ବର୍ଣ୍ଣନା କରିବା ସମ୍ଭବ ନୁହେଁ। ଏଭଳି ପରିସ୍ଥିତିକୁ ସାମନା କରିବାକୁ ସଚେତନତା ସହିତ ନିଜକୁ ଜଣେ ଜଣେ ଯୋଦ୍ଧା ଭାବି ନିଜର ମନୋବଳ ଓ ଆତ୍ମବିଶ୍ୱାସକୁ ଦୃଢ ରଖିବା ହିଁ ପ୍ରଥମ ପ୍ରତିକାର। ଆମମାନଙ୍କ ପରିବାର ବା ଆତ୍ମୀୟମାନଙ୍କ ଭିତରେ କେହି ନା କେହି କରୋନାରେ ଆକ୍ରାନ୍ତ ହେଉଛନ୍ତି ଏବଂ ଶାରୀରିକ ଭାବେ ଯେତିକି ଦୁର୍ବଳ, ତାଠୁ ଅଧିକ ମାନସିକ ଭାବେ ଦୁର୍ବଳ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି।

ଯେମିତି ମେଲେରିଆ, ଟାଇଫଏଡ୍, ନିମୋନିଆ ଭଳି ରୋଗର ଆମେ ପ୍ରତିକାର କରନ୍ତି, ଔଷଧ ନିଅନ୍ତି ଓ ସୁସ୍ଥ ମଧ୍ୟ ହୁଅନ୍ତି ଠିକ୍ ସେମିତି 'କରୋନା'କୁ ଏକ ସାଧାରଣ ଭୁତାଣୁ ଜ୍ୱର ଭାବି ପ୍ରତିକାର କରନ୍ତୁ, ଭୟ କରନ୍ତୁ ନାହିଁ। ଆମମାନଙ୍କର ପ୍ରଥମ ଭୁଲ ହେଲା ଆମେ ଦେଖାଶୁଣାକୁ ଅଧିକ ବିଶ୍ୱାସ କରନ୍ତି ଓ ପ୍ରଭାବିତ ହୋଇଯାନ୍ତି। ଶାରିରୀକ ଭାବେ ଯେତିକି ଅସୁସ୍ଥ ନଥାନ୍ତି, ମନ ଭିତରେ ଗୁଡାଏ ଭୟ ଆଶଙ୍କା ରଖି ମାନସିକ ଭାବେ ଭାଙ୍ଗିପଡନ୍ତି। ମିଡିଆରେ ଅନେକ କଥା ଆମେ ଦେଖନ୍ତି ବା ଶୁଣନ୍ତି ଯାହା ଆମକୁ ଭୟଭୀତ କରାଇଥାଏ। ଯଦି କେହି କରୋନାକୁ ଭୟ ନକରି ଠିକ୍ ରହିଥାଏ, ଆମେ କରୋନା ସମ୍ବନ୍ଧରେ କହି କହି ତାଙ୍କୁ ଏତେ ଭୟଭୀତ କରାଇଦିଅନ୍ତି ଯେ ଜଣେ ସୁସ୍ଥ ମଣିଷ ମଧ୍ୟ ସାମାନ୍ୟ ଥଣ୍ଡା ହେଲେ କରୋନା ହେଇଛି ଭାବି ନିଜ ଭିତରେ କରୋନାର ସବୁ ଲକ୍ଷଣକୁ ଅନୁଭବ କରେ ଓ ଏତେ ଦୁର୍ବଳ ହୋଇପଡେ ଯେ ଶରୀରରୁ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଏବଂ ଅତ୍ୟଧିକ ଭୟ ଆଶଙ୍କା ତାକୁ ଆହୁରି ଅସୁସ୍ଥ କରିଦିଏ।

ଡାକ୍ତରମାନଙ୍କ କହିବା ଅନୁସାରେ ଡର, ଭୟ, ଆଶଙ୍କା ମଣିଷର ମନକୁ ଦୁର୍ବଳ କରେ ଓ ରୋଗ ପ୍ରତିରୋଧକ ଶକ୍ତିକୁ କମାଇଥାଏ। ଏହା ସିଧାସଳଖ ଆମର ଇମ୍ୟୁନ ସିଷ୍ଟମ୍ ଉପରେ ଆଘାତ କରିଥାଏ। ଡର ଯଦିଓ ଆମ ସମସ୍ତଙ୍କ ଭିତରେ ଆରମ୍ଭରୁ ଥାଏ କିନ୍ତୁ ଆମେ କେବେ କେବେ ପରିସ୍ଥିତି ଅନୁସାରେ ଭୟଭୀତ ହୋଇଯାଆନ୍ତି ପୁଣି ଠିକ୍ ହୋଇଯାଆନ୍ତି। କିନ୍ତୁ କରୋନା ପାଇଁ ଆମମାନଙ୍କ ମନରେ ଲଗାତାର ଯେଉଁ ଭୟ ରହିଛି ପ୍ରତିଦିନ ହାତୁଡିରେ ପିଟିଲା ଭଳି ଆମ ମନକୁ ଭାଙ୍ଗୁଛି। ତେଣୁ ଆମକୁ ହିଁ ସ୍ଥିର ରହି ନିଜ ଆତ୍ମବଳ ବଢାଇବାର ଅଛି। ପ୍ରଥମେ ମନକୁ ବୁଝାନ୍ତୁ ଯେ କରୋନା ଆମ ଶରୀରକୁ ଆକ୍ରମଣ କରିପାରେ ଆମ ମନକୁ ନୁହେଁ। ଯଦି ଆପଣଙ୍କ ମନରେ ଦମ୍ଭ, ସାହସ, ନିର୍ଭିକତା, ଆତ୍ମବଳ ଅଛି ତେବେ କରୋନା ଆପଣଙ୍କ ଶରୀରକୁ କବଜା କରିପାରିବ ନାହିଁ। କାରଣ ମନ ଶରୀରକୁ ଚଳାଇଥାଏ, ଶରୀର ମନକୁ ଚଲାଇ ପାରେନାହିଁ।

କରୋନା ହୋଇପାରେ ଏକ ଭୟଙ୍କର ଭୁତାଣୁ କିନ୍ତୁ ମୃତ୍ୟୁ ମୁଖରେ ପଡୁଥିବା ଅଧିକାଂଶ ଲୋକଙ୍କୁ କରୋନା ମାରିନଥାଏ,ମାରିଥାଏ ସେମାନଙ୍କ ମନ ଭିତରର ଭୟ, ହତାସ, ଦୁର୍ବଳ ମନ, ଅସଚେତନତା

ସ୍ୱାସ୍ଥ୍ୟ ରଙ୍ଗ

ଓ କିଛି ପୁରୁଣା ରୋଗ। ମନୋବଳ ହିଁ ମୁଖ୍ୟ ପ୍ରତିଷେଧକ।ଯେତେବେଳେ ଆପଣଙ୍କ ମନ ଭଲଥାଏ ଆପଣ ଖୁବ୍ ଫୁର୍ତ୍ତିରେ ସବୁକାମ କରିପାରନ୍ତି କାରଣ ମନ ଶରୀରକୁ ବଳ ଦିଏ। ଯେତେବେଳେ ମନ ଖରାପ ଥାଏ ଆପଣ ଯେତେ ଚେଷ୍ଟା କଲେ ବି କିଛି କରିପାରନ୍ତି ନାହିଁ।

ଯଦି କେହି ଆପଣଙ୍କ ନିଜର କରୋନା ଦ୍ୱାରା ଆକ୍ରାନ୍ତ ଥାଆନ୍ତି, ତାଙ୍କୁ ବୁଝାଇସୁଝାଇ ତାଙ୍କର ମନୋବଳ ବଢାନ୍ତୁ, ବିଶ୍ୱାସ ଦିଅନ୍ତୁ କରୋନା ଏକ ସାଧାରଣ ଭୁତାଣୁ ଜ୍ୱର। ସଙ୍ଗରୋଧ ରହି ମଧ୍ୟ ଭିଡିଓ କଲ୍ ମାଧ୍ୟମରେ ଖୁବ୍ ଥଟ୍ଟାମଜାରେ ତାଙ୍କ ସହିତ ସମୟ କାଟନ୍ତୁ,ତାଙ୍କୁ ଇଶ୍ୱ

ସମାଜରେ ଏକ ସକରାତ୍ମକ ବାତାବରଣ ସୃଷ୍ଟି କରିବା ପାଇଁ ବ୍ୟାଖ୍ୟାନମାଳା- 'ପଜେଟିଭିଟି ଅନ୍‌ଲିମିଟେଡ-ହମ୍ ଜିତେଙ୍ଗେ'

ଭୁବନେଶ୍ୱର,୧୧/୫ (ନି.ପ୍ର): କରୋନା ସଂକଟ ସମୟରେ ମହାମାରୀର ମୁକାବିଲା କରିବା ପାଇଁ ଭାରତର ବ୍ୟାପକ ଉଦ୍ୟମ ମଧ୍ୟରେ ସମାଜରେ ଏକ ସକରାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ କୋଭିଡ୍ ରେସପନ୍ସ ଟିମ୍, ସମାଜ ପ୍ରତିଷ୍ଠିତ ନାଗରିକ, ଧାର୍ମିକ, ସାମାଜିକ ସଂଗଠନର ଦ୍ୱାରା ଆରମ୍ଭ ହୋଇଛି ଏକ ବକୃତା କାର୍ଯ୍ୟକ୍ରମ "ପଜିଟିଭିଟ ଅନ୍‌ଲିମିଟେଡ-ହମ୍ ଜିତିଙ୍ଗେ"। ଏହି ବକୃତା ସିରିଜ୍ ଅକ୍ଷୟ ତୃତୀୟା ଅବସରରେ ମଇ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ବ୍ୟାଖ୍ୟାନମାଳାରେ ଆଧ୍ୟାତ୍ମିକ ଗୁରୁ ରବିଶଙ୍କର, ଅଜୀମ୍ ପ୍ରେମଜୀ, ଶଙ୍କରାଚାର୍ଯ୍ୟ ବିଜୟେନ୍ଦ୍ର ସରସ୍ୱତୀଜୀ, ପଦ୍ମଭୂଷଣ ସୋନାଲ ମାନସିଂହ, ଆଚାର୍ଯ୍ୟ ବିଦ୍ୟାସାଗର, ମହନ୍ତ ସନ୍ଥ ଜ୍ଞାନଦେବ ସିଂହ ସମ୍ବୋଧିତ କରିବେ । ବ୍ୟାଖ୍ୟାନମାଳାର ସମାରୋପ କାର୍ଯ୍ୟକ୍ରମ ମଇ ୧୫ ତାରିଖ ଦିନ ଅନୁଷ୍ଠିତ ହେବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡକ୍ଟର ମୋହନ ଭାଗବତ ଏହି ସମାରୋପ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । "ପଜିଟିଭିଟି ଅନ୍‌ଲିମିଟେଡ-ହମ୍ ଜିତେଙ୍ଗେ" ବ୍ୟାଖ୍ୟାନମାଳା ପ୍ରତିଦିନ ଅପରାହ୍ନ ୪.୩୦ରୁ ୫.୦୦ ମଧ୍ୟରେ ବିଭିନ୍ନ ଡିଜିଟାଲ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ(facebook.com/Vishwa Samvad Kendra Bharat ଏବଂ youtube.com/Vishwa Samvad Kendra Bharat) ରେ ପ୍ରସାରିତ ହେବ । ବକୃତା ସିରିଜର ସକରାତ୍ମକ ବାର୍ତ୍ତା ୧୦୦ରୁ ଅଧିକ ସମାନ ବିଚାରଧାରା ନ୍ୟୁଜ୍ ପୋର୍ଟାଲ ସହିତ ଅନ୍ୟ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଦେଶ ତଥା ସାରା ବିଶ୍ୱର ଜନସାଧାରଣଙ୍କ ନିକଟରେ ପହଁଚାଯିବ । କୋଭିଡ -୧୯ ପରେ ସମାଜରୁ ଭୟ, ନିରାଶା, ଅସହାୟତା ଏବଂ ନକାରାତ୍ମକତାକୁ ଦୂର କରିବା ପାଇଁ ସମାଜରେ ଆତ୍ମ ବିଶ୍ୱାସ ସୃଷ୍ଟି କରିବା ତଥା କୋଭିଡ-୧୯ ପରେ ବହୁ ସାମାଜିକ ପରିବର୍ତ୍ତନ ସହିତ ଜନସାଧାଣରଙ୍କୁ ଦୀର୍ଘ ସମୟ ଧରି ଉତ୍ସାହିତ କରିବା ପାଇଁ ପ୍ରେରଣା ଯୋଗାଇବା ହେଉଛି "ପଜିଟିଭିଟି ଅନ୍‌ଲିମିଟେଡ-ହମ୍ ଜିତେଙ୍ଗେ" ବିଚାର ମନ୍ଥନ ବ୍ୟାଖ୍ୟାନମାଳାର ମୂଳ ଉଦ୍ଦେଶ୍ୟ ବୋଲି କୋଭିଡ୍ ରେସପନ୍ସ ଟିମ୍ ର ସଂଯୋଜକ ଅବସରପ୍ରାପ୍ତ ଲେଫ୍ଟେନେଣ୍ଟ ଜେନେରାଲ ଗୁରୁମତି ସିଂହ ପ୍ରକାଶ କରିଛନ୍ତି ।

ଏସ୍.ସି.ବି. ମେଡ଼ିକାଲ କଲେଜ ଓ ରାଜଧାନୀ ହସ୍ପିଟାଲରେ ଅମ୍ଳଜାନ ପ୍ଲାଂଟ ପାଇଁ ଦାବି

ଭୁବନେଶ୍ୱର,୧୧/୫ (ନି.ପ୍ର): ଓଡ଼ିଶା ରାଜ୍ୟ ସରକାର ସମସ୍ତ ଓଡ଼ିଶାବାସୀଙ୍କୁ ମାଗଣାରେ କରୋନା ଭ୍ୟାକ୍‌ସିନ୍ ଦେବା ଓ ଭ୍ୟାକ୍‌ସିନ୍ କିଣିବା ପାଇଁ ବିଶ୍ୱ ସ୍ତରୀୟ ଟେଣ୍ଡର କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ସେହିପରି ରାଜଧାନୀ କ୍ୟାପିଟାଲ ଡାକ୍ତରଖାନାର ଆଧୁନିକରଣ ଏବଂ କଟକ ଏସ୍.ସି.ବି ମେଡ଼ିକାଲ କଲେଜର ପ୍ରସାରଣ ଓ ଆଧୁନିକରଣ ପ୍ରସ୍ତାବ କରିଥିବାବେଳେ ଏସ୍.ସି.ବି ମେଡ଼ିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନା ଅକ୍ସିଜେନ ପ୍ଲାଂଟ ନଥିବା ଏବଂ ଏହି ଅକ୍ସିଜେନ ପ୍ଲାଂଟ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନ ନେବା ଆଦୌ ଗ୍ରହଣୀୟ ନୁହେଁ । ବିଶେଷ ଭାବରେ କରୋନା ସଂକ୍ରମଣ ପରିସ୍ଥିତିରେ ରାଜ୍ୟର ୨ ଟି ପ୍ରମୁଖ ସହରରେ ସରକାରୀ ଡାକ୍ତରଖାନାରେ ଅକ୍ସିଜେନ ପ୍ଲାଂଟ ନଥିବାରୁ ଅକ୍ସିଜେନ ସିଲିଣ୍ଡର ବ୍ୟବହାର କରିବା ପାଇଁ ବାଧ୍ୟ ହେଉଛନ୍ତି । କଟକ ଓ ଭୁବନେଶ୍ୱରରେ ଥିବା ସମସ୍ତ ବଡ଼ ବେସରକାରୀ ଡାକ୍ତରଖାନାରେ ଓ ନୂଆ ଆରମ୍ଭ ହେଉଥିବା ଜିଲ୍ଲା ସ୍ତରୀୟ ମେଡ଼ିକାଲ କଲେଜରେ ଏହି ଅକ୍ସିଜେନ ପ୍ଲାଂଟ ନିର୍ମାଣ କରାଯାଉଥିବାବେଳେ କଟକ ଏସ୍.ସି.ବି. ମେଡ଼ିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନା ଅକ୍ସିଜେନ ପ୍ଲାଂଟ ନଥିବାରୁ ବହୁ ସମୟରେ ରୋଗୀମାନେ ଘରୋଇ ଡାକ୍ତରଖାନାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ଏଣୁ କଟକ ଏସ୍.ସି.ବି ମେଡ଼ିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନାରେ ତୁରନ୍ତ ଅକ୍ସିଜେନ ପ୍ଲାଂଟ ନିର୍ମାଣ କରିବା ପାଇଁ ଦାବୀ କରି ପୂର୍ବତନ ସାଂସଦ, ବରିଷ୍ଠ କଂଗ୍ରେସ ନେତା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ଓଡ଼ିଶା ରାଜ୍ୟ ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ।

କୋଭିଡ୍ ହସ୍ପିଟାଲ ଓ ଅକ୍ସିଜେନ୍ ପ୍ଲାଂଟ ପ୍ରତିଷ୍ଠା ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଜୁଏଲ ଓରାମଙ୍କ ଚିଠି

ଭୁବନେଶ୍ୱର,୧୧/୫ (ନି.ପ୍ର): କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଙ୍କୁ ଚିଠି ଲେଖିଛନ୍ତି ସୁନ୍ଦରଗଡ ସାଂସଦ ଜୁଏଲ ଓରାମ । ଚିଠିରେ ସାଂସଦ ଶ୍ରୀ ଓରାମ୍ ସୁନ୍ଦରଗଡାରେ ଥିବା ଏନଟିପିସି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ ଶଯ୍ୟା ଆଇସିୟୁ ବ୍ୟବସ୍ଥା ସହ କୋଭିଡ୍ ହସ୍ପିଟାଲ ଓ ପିଏମ କେୟାର ଫଣ୍ଡରୁ ମେଡିକାଲ ଅକ୍ସିଜେନ୍ ପ୍ଲାଂଟ ପ୍ରତିଷ୍ଠା କରିବାକୁ ଦାବି ଜଣାଇଛନ୍ତି । ଏହାସହ ରାଉରକେଲାରେ ଥିବା ଆଇଜିଏଚ୍ ସୁପରସ୍ପେଶାଲିଟି ହସ୍ପିଟାଲରେ ୨୦୦ଆଇସିୟୁ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ବ୍ୟବସ୍ଥା କରିବାକୁ ଚିଠିରେ ଅନୁରୋଧ କରିଛନ୍ତି ଶ୍ରୀ ଓରାମ । ଡିଆରଡିଓ ବିଭିନ୍ନ ସ୍ଥାନରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା କରୁଛି ଏବଂ କିଛି ସ୍ଥାନରେ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଯାଉଛି । ଏପରିକି ଆଗାମୀ ୩ ମାସ ମଧ୍ୟରେ ଡିଆରଡିଓ ୫୦୦ଟି ସ୍ଥାନରେ ମେଡିକାଲ ଅକ୍ସିଜେନ୍ ପ୍ଲାଂଟ ପ୍ରତିଷ୍ଠା କରିବ । ତେଣୁ ତାଙ୍କ ଲୋକସଭା କ୍ଷେତ୍ର ସୁନ୍ଦରଗଡାରେ ମଧ୍ୟ କୋଭିଡ୍ ହସ୍ପିଟାଲ ଓ ମେଡିକାଲ ଅକ୍ସିଜେନ୍ ପ୍ଲାଂଟ ପ୍ରତିଷ୍ଠା କରିବାକୁ ଶ୍ରୀ ଓରାମ୍ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି ।

ବିଦ୍ୟାଳୟ ନାମଲେଖା ଅବଧି ବୃଦ୍ଧି

ଭୁବନେଶ୍ୱର,୧୧/୫ (ନି.ପ୍ର): ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଚାଲିଥିବା ନାମଲେଖା ଅବଧିକୁ ବୃଦ୍ଧି କରାଯାଇଛି । ମେ' ଶେଷ ସୁଦ୍ଧା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ନାମଲେଖା ସାରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଥିଲା । ତେବେ ୧୦ ଦିନ ହେଲା କରୋନା ସଂକ୍ରମଣ ବଢୁଥିବାରୁ ନାମଲେଖା ପ୍ରଭାବିତ ହୋଇଛି । ବହୁ ଛାତ୍ରଛାତ୍ରୀ କିମ୍ବା ଅଭିଭାବକ ବିଦ୍ୟାଳୟ ଆସିପାରି ନାହାନ୍ତି କି ନାମ ଲେଖାଇନାହାନ୍ତି । ତେଣୁ ବିଭାଗ ପକ୍ଷରୁ ନାମଲେଖା ଅବଧିକୁ ଏବେ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବିଭାଗ ଅଧିନରେ ଥିବା ସମସ୍ତ ବିଦ୍ୟାଳୟରେ ଏହି ନିୟମ ଲାଗୁ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଅନ୍ୟପକ୍ଷରେ ବିଦ୍ୟାଳୟସ୍ତରରେ ଚାଲିଥିବା ପାଠ୍ୟପୁସ୍ତକ ବଣ୍ଟନ ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି । ଶିକ୍ଷକମାନେ ଜୁନ୍ ୩୦ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବଣ୍ଟନ କରିପାରିବେ । ତେବେ କଣ୍ଟେନମେଣ୍ଟ ଜୋନ୍‌ରେ ପୁସ୍ତକ ବଣ୍ଟାଯିବ ନାହିଁ । ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ଗଣନା(ଡ୍ରପ୍ ଆଉଟ୍ ସର୍ଭେ) ମଧ୍ୟ ପ୍ରଭାବିତ ହୋଇଛି । ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଭୟଭିତ ହୋଇପଡ଼ିଛନ୍ତି । ତେଣୁ ସେମାନେ ଯାଇପାରୁ ନାହାନ୍ତି । ତାହାକୁ ନଜରରେ ରଖି ମେ' ଶେଷ ସୁଦ୍ଧା ଗଣନା ସାରିବାକୁ ଧାର୍ଯ୍ୟ ହୋଇଥିବା ସମୟ ସୀମାକୁ ଜୁନ୍ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏସମ୍ପର୍କରେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ସୂଚନା ମିଳିଛି ।

୧୩ରୁ ରାଜ୍ୟରେ ଡାଲି ଓ ତୈଳବୀଜ ସଂଗ୍ରହ

ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ସମବାୟ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୧୧ ମଇ - ରବିଋତୁ ୨୦୨୦-୨୧ ପାଇଁ ପଂଜିକୃତ ଚାଷୀମାନଙ୍କଠାରୁ ମୂଲ୍ୟ ସହାୟକ ଯୋଜନାରେ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ମାର୍କଫେଡ଼ ଦ୍ୱାରା ମଇ ୧୩ ତାରିଖଠାରୁ ଆରମ୍ଭ ହେଉଛି । କୋଭିଡ୍ -୧୯ ସ୍ଥିତିରେ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରି ମୂଲ୍ୟ ସହାୟକ ଯୋଜନାର ଲାଭ ସିଧାସଳଖ ଚାଷୀମାନ ଙ୍କ ନିକଟରେ ପହଂଚାଇବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ଓ କୋଭିଡ୍ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଭାରତ ସରକାରଙ୍କ ଦ୍ୱାରା ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖୀ ମଂଜି ସଂଗ୍ରହ ନିମନ୍ତେ ମୂଲ୍ୟ ସହାୟକ ଯୋଜନାରେ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇଛି । ଏଫ୍.ଏ.କ୍ୟୁ ମାନର ମୁଗର ସର୍ବନିମ୍ନ ମୂଲ୍ୟ କ୍ୱିଣ୍ଟାଲ ପିଛା ୭୧୯୬ ଟଙ୍କା, ବିରି କ୍ୱିଂଟାଲ ପିଛା ୬୦୦୦ ଟଙ୍କା, ସୂର୍ଯ୍ୟମୁଖୀ ମଂଜି କ୍ୱିଂଟାଲ ଦର ୫୮୮୫ ଟଙ୍କା ଓ ଚିନାବାଦାମର କ୍ୱିଂଟାଲ ପିଛା ୫୨୭୫ ଟଙ୍କା ଦର ସ୍ଥିର କରାଯାଇଛି । ନାଫେଡ଼ ପକ୍ଷରୁ ରାଜ୍ୟରେ ସମବାୟ ବିଭାଗ ଅଧୀନ ସ୍ଥ ମାର୍କଫେଡ୍ ସଂସ୍ଥା ଦ୍ୱାରା ବିଭିନ୍ନ ପ୍ୟାକ୍ସ, ଲ୍ୟାମ୍ପସ୍ ଓ ନିୟନ୍ତ୍ରିତ ବଜାର କମିଟି ଜରିଆରେ ନାମ ପଂଜୀକରଣ କରିଥିବା ଚାଷୀମାନଙ୍କଠାରୁ ଏହା ସଂଗ୍ରହ କରାଯିବ । ଚଳିତ ରବି ଋତୁ ୨୦୨୦-୨୧ରେ ରାଜ୍ୟରେ ସର୍ବାଧିକ ୧୩୨୫୦ ମେଟ୍ରିକ୍ ଟନ ମୁଗ, ୭୦୦ ମେଟ୍ରିକ୍ ଟନ ବିରି, ୭୭୭୫ ମେଟ୍ରିକ୍ ଟନ ଚିନାବାଦାମ ଓ ୬୭୫ ମେଟ୍ରିକ ଟନ ସୂର୍ଯ୍ୟମୁଖୀ ମଂଜି ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ମଇ ୧୩ ତାରିଖରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଜି ଏହି ମର୍ମରେ ସମବାୟ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି । ଡାଲି ଓ ତୈଳବୀଜ ସଂଗ୍ରହ ନିମନ୍ତେ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ସଂଗ୍ରହ କେନ୍ଦ୍ର ନିର୍ଦ୍ଧାରଣ କରିବା ସହିତ ପ୍ରକୃତ ଚାଷୀମାନଙ୍କର ନାମ ପଂଜୀକରଣ ଏବଂ ଯାଂଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚାଷୀ ଚିହ୍ନଟ ନିମନ୍ତେ ଆଧାର କାର୍ଡ କିମ୍ବା ଅନ୍ୟ ନିର୍ଦ୍ଧାରିତ ପରିପତ୍ର ଜରୁରୀ ଅଟେ । ଡାଲି ଓ ତୈଳବୀଜ ଉତ୍ପାଦନ ହାରକୁ ଦୃଷ୍ଟିରେ ରଖି ଏକର ପିଛା ୨ କ୍ୱିଂଟାଲ ମୁଗ ଓ ବିରି ସଂଗ୍ରହ ନିମନ୍ତେ ଧାର୍ଯ୍ୟ କରାଯାଇଥିବାବେଳେ ଚିନାବାଦାମ ଏକର ପିଛା ୬ କ୍ୱିଂଟାଲ ସଂଗ୍ରହ କରିବା ପାଇଁ ସ୍ଥିର କରାଯାଇଛି । ଚାଷୀମାନ ଙ୍କ ଅବ ଗତି ନିମନ୍ତେ ଡାଲି ଓ

ତୈଳବୀଜ ସଂଗ୍ରହ କେନ୍ଦ୍ର ଓ ସଂଗ୍ରହ ସମୟ ବାବଦରେ ବ୍ୟାପକ ପ୍ରଚାର ପାଇଁ ଗୁରୁତ୍ୱ ଦିଆଯାଇଛି । ସଂଗ୍ରହ ବାବଦକୁ ଦେୟ ଅର୍ଥ ମାର୍କଫେଡ୍ ଦ୍ୱାରା ସିଧାସଳଖ ଚାଷୀମାନଙ୍କର ବ୍ୟାଙ୍କ ଆକାଉଂଟରେ ଅନ୍‌ଲାଇନ୍ ମାଧ୍ୟମରେ ହସ୍ତାନ୍ତର କରାଯିବ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଡିଆରସିଏସ୍, ଏଆରସିଏସ୍, ସହକାରୀ କୃଷି ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ ଏବଂ ମାର୍କଫେଡ୍ ର ଏରିଆ ମ୍ୟାନେଜରମାନଙ୍କୁ ସଂଗ୍ରହ କାର୍ଯ୍ୟରେ ସୁପରିଚାଳନା ଓ ତଦାରଖ ଦାୟିତ୍ୱ ଦିଆଯାଇଛି । ଏଥି ସହିତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଦ୍ୱାରା ଡାଲି ଓ ତୈଳବୀଜର ସଂଗ୍ରହ କାର୍ଯ୍ୟର ନିୟମିତ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି ।

କୋଭିଡ୍-୧୯ର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ଚାଷୀ ନାମ ପଂଜୀକରଣ ଓ ସଂଗ୍ରହ କେନ୍ଦ୍ରରେ ମାସ୍କ ପରିଧାନ, ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଅନୁପାଳନ ଓ ୫ ଜଣରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଏକାଠି ନହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

କୋଭିଡ଼ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ଅଧିକ ଫି ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ତୃତୀୟ ଲହରୀ ପାଇଁ ଏବେଠାରୁ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୧୧ ମଇ - ଜିଲ୍ଲାସ୍ତରରେ କୋଭିଡ ଚିକିତ୍ସା କେନ୍ଦ୍ର ଗୁଡିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ମେଡିକାଲ ଅକ୍‌ସିଜେନ ସୁବିଧା ଉପରେ ୨୪ ଘଂଟିଆ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କୋଭିଡ ଚିକିତ୍ସା କରୁଥିବା ବେସରକାରୀ ମେଡିକାଲ ଉପରେ ସତର୍କ ଦୃଷ୍ଟି ରଖ । ସେମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଭିତରେ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ । ଯଦି ସେମାନେ ଏହା ନ କରନ୍ତି, ତେବେ ସଂପୃକ୍ତ ହସ୍‌ପିଟାଲ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅଧିକ କୋଭିଡ ସଂଖ୍ୟା ଥିବା ଅଂଚଳ ଗୁଡିକରେ ଟେଷ୍ଟିଂ, ଟ୍ରେସିଂ ଓ କଂଟେନମେଂଟକୁ ଜୋରଦାର କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କୋଭିଡ ପରିଚାଳନା ସଂପର୍କିତ ବୈଠକରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇସିୟୁ ଓ ଏଚଡିୟୁ ଦାୟିତ୍ୱରେ ଥିବା ଡାକ୍ତରମାନଙ୍କ ଠାରୁ ସିଧାସଳଖ ଫିଡବ୍ୟାକ୍ ନେଇ ସେମାନଙ୍କ ମତାମତ ଭିତିରେ ପଦକ୍ଷେପ ନିଅ । ଟୀକାକରଣ କାର୍ଯ୍ୟକ୍ରମ ପାଇଁ ତ୍ରୁଟି ଶୂନ୍ୟ ବ୍ୟବସ୍ଥା କରିବା , ବୟସ୍କ, ମହିଳା ଓ ଦୁର୍ବଳ ଶ୍ରେଣୀର ଲୋକଙ୍କର ଯତ୍ନ ନେବା କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କୋଭିଡ ହସ୍‌ପିଟାଲ ଗୁଡିକରେ ହେଲ୍‌ପ ଲାଇନ ଗୁଡିକୁ ଅଧିକ କ୍ରିୟାଶୀଳ କରାଯାଉ ଏବଂ ରୋଗୀଙ୍କ ପରିବାର ବର୍ଗଙ୍କୁ ନିୟମିତ ସୂଚନା ଦିଆଯାଉ ।ଏଭଳି କଠିନ ସମୟରେ ଦୁଃଖ ଓ ଦୈନ୍ୟରେ ଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବ୍ୟବହାର କରି ସାହାଯ୍ୟ କର । ଏହି ଯୁଦ୍ଧ ବହୁତ ଲମ୍ବା । ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଲକ୍‌ଡାଉନ ଲାଗୁ କରାଯାଇଛି । ଏହା ଠିକ୍ ଚାଲିଥିଲେ ମଧ୍ୟ କେତେକ ସ୍ଥାନରେ ଏଥିରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆମେ ସଫଳତା ପାଇଛୁ ଏବଂ ଏହି କୋଭିଡ ମହାମାରୀ କ୍ଷେତ୍ରରେ ମଧ୍ୟ ଏହା ହିଁ ଉପଯୁକ୍ତ ପନ୍ଥା । ତେଣୁ ସହରାଂଚଳରେ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମାଂଚଳରେ ପଂଚାୟତ ପ୍ରତିନିଧି ମାନଙ୍କ ସକ୍ରିୟ ସହଯୋଗରେ ଲୋକଙ୍କ ସହାୟତା କରଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ ଟୀକାକରଣ ହେଉଛି ଆମର ମୁଖ୍ୟ ରଣନୀତି । ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କ ହେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ମାସ୍କ ବ୍ୟବହାର, ହାତ ଧୁଆ ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ଅନାବଶ୍ୟକ ଭାବେ ବାହାରେ ନ ବୁଲି ଘରେ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।ବୈଠକରେ ଆଲୋଚନା ସମୟରେ ତୃତୀୟ ଲହରୀର ସମ୍ଭାବନା ସଂପର୍କରେ ତଥ୍ୟ ସଂଗ୍ରହ ସହିତ ସମ୍ଭାବ୍ୟ ମୁକାବିଲା ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ପୁରୀରେ ରଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଓ ସେମାନଙ୍କ ପରିବାରବର୍ଗଙ୍କ ସଂପୂର୍ଣ୍ଣ ଟୀକାକରଣ ପାଇଁ ମୁଖ୍ୟମନ୍ତ୍ରୀ

ଆମ ସାଂସ୍କୃତିକ ପରମ୍ପରାରେ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

କୁଷ୍ଠ ରୋଗୀ ହୋଇଥିବାରୁ ଲୋକଙ୍କ ଘୃଣାର ପାତ୍ର ବ୍ୟକ୍ତି ଜଣକ ନିଜ ଭାଇ ସାହାଯ୍ୟରେ ରାତିରେ ମନ୍ଦିରକୁ ଯାଇ ଗୀତଗୋବିନ୍ଦ ଗାଏ ଏବଂ ରାତି ଶେଷ ବେଳକୁ ନିଜ ଗୃହକୁ ଭାଇ ସହ ଫେରିଆସେ । ଦିନେ ହଠାତ ମନ୍ଦିର ଭିତରୁ ଶୁଭିଲା ଯେ କିଏ ଗୀତଗୋବିନ୍ଦ ଗାଉଛ ମୋ ସାମ୍ନାକୁ ଆସ । ମାତ୍ର ରୋଗୀ କହିଲା ମୋର ଗୋଡ ନଥିବାରୁ ତମେ ମୋ ସାମ୍ନାକୁ ଆସ । ଏହାପରେ ଏକ ଭୟଙ୍କର ଶବ୍ଦ ଏବଂ ପରେ ମନ୍ଦିରର ସିଂହଦ୍ୱାର କୁଷ୍ଠ ରୋଗୀ ସାମ୍ନାକୁ ହୋଇଗଲା । ମନ୍ଦିର ଭିତରେ ଥିବା ଶିବଲିଙ୍ଗ ଉପରେ ଏକ ଦ୍ୟୁତି ଯେମିତି ଖେଳୁଥାଏ । ରୋଗୀର ରୋଗ ଚାଲିଯାଇଥାଏ । ସେ ସଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ଗୀତଗୋବିନ୍ଦ ବୋଲିବା ଆରମ୍ଭ କରେ । ଏହି ଭୟଙ୍କର ଶବ୍ଦ ଶୁଣି ଗାଁର ଲୋକମାନେ ଯେତେବେଳେ ମନ୍ଦିରରେ ପହଞ୍ଚନ୍ତି ଏ ଅଲୌକିକ କଥା ଦେଖି ଜୟ ଶିବଶଙ୍କର, ଜୟ ଗୀତଗୋବିନ୍ଦ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରିପକାନ୍ତି । ଏହିଭଳି ଅନେକ କଥା ଗୀତଗୋବିନ୍ଦକୁ ନେଇ ଜନଶ୍ରୁତିରେ ବିଦ୍ୟମାନ ।

କଥା ଓ କିମ୍ବଦନ୍ତୀରୁ ବାହାରି ବାସ୍ତବତାକୁ ଦୃଷ୍ଟି ଫେରାଲେ ଗୀତଗୋବିନ୍ଦକୁ ନେଇ ଏତିକି ମାତ୍ର କୁହାଯାଇପାରେ ଯେ, ଦ୍ୱାଦଶ ଶତାବ୍ଦୀର ରଚିତ ଗୀତଗୋବିନ୍ଦ କାବ୍ୟ ପରବର୍ତ୍ତୀ ୫୦୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଓଡିଶାର ଆଧ୍ୟାତ୍ମିକ, ସାମାଜିକ ଓ ସାଂସ୍କୃତିକ ଜୀବନକୁ ଏକ ପ୍ରକାର ଆଚ୍ଛାଦିତ କରି ରଖିଥିଲା । ଏବେ ଯଦିଓ ଏହାର ପ୍ରଭାବ ଶିଥିଳ ହୋଇଯାଇଛି, ତଥାପି ଏହାର ବାଣୀ ଏବଂ କାବ୍ୟିକ ବୈଶିଷ୍ଟ୍ୟ ଅଧୁନା ବହୁ କୃଷ୍ଣପ୍ରେମୀଙ୍କ ହୃଦୟରେ ଭକ୍ତିର ଝଙ୍କାର ସୃଷ୍ଟି କରିବାରେ ସକ୍ଷମ ହେଉଛି ।

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

ପିଡିଏସ୍ ଚାଉଳ ବଣ୍ଟନରେ ବାୟୋମେଟ୍ରିକ୍ ମେସନ୍ ବ୍ୟବହାରକୁ ବନ୍ଦ ଲାଗି ଦାବି

ଜଳେଶ୍ୱର,୧୨/୫ (ନି.ପ୍ର) : ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବଣ୍ଟନ କରାଯିବାକୁ ଥିବା ଚାଉଳ ଓ ପିଡିଏସ୍ ସାମଗ୍ରୀ ଲାଗି ବ୍ୟବହାର ହେଉଥିବା ବାୟୋମେଟ୍ରିକ୍ ମେସନ୍ ଏବେ କରୋନା ସଂକ୍ରମଣର ବାହକ ସାଜିଥିବାରୁ ଏହାକୁ ବନ୍ଦଲାଗି ବାଲେଶ୍ୱର ଜିଲାର ଜଳେଶ୍ୱର କଂଗ୍ରେସ ପକ୍ଷରୁ ଦାବି ହୋଇଛି । ଏ ସମ୍ପର୍କରେ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ ଟ୍ୱିଟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏକ ପ୍ରେସ୍ ବିବୃତିରେ ଶ୍ରୀ ଦାସଙ୍କ ସମେତ ସତ୍ୟସୁନ୍ଦର ଦାସ, ଲକ୍ଷ୍ମୀକାନ୍ତ କର, ସୂର୍ଯ୍ୟ ଘୋଷ, ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡା, ପଦ୍ମଲୋଚନ ବେହେରା, ଦୀପାଳି ଜେନା, ଜ୍ୟୋତ୍ସ୍ନାରାଣୀ ଜେନା, ସିଦ୍ଧେଶ୍ୱର ପ୍ରଧାନ, ମଂଜୁରାଣୀ ପ୍ରଧାନ, ସନାତନ ମୁର୍ମୁ, ପରିତୋଷ କାମିଳା, ଗିରିଜା ଶଂକର ଦାସ, କ୍ଷିତିଶ ଦେ, ପ୍ରବୋଧ ବାରିକ, ଦିଗାମ୍ବର ଦାସ, ଗୀତାଂଜଳି ସେଠୀ, ପ୍ରତିଭା ନାଥ ପ୍ରମୁଖ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଶଣ କରିବା ସହିତ ବିନା ବାୟୋମେଟ୍ରିକ୍ ମେସିନ୍‌ରେ ପିଡିସ୍ ସାମଗ୍ରୀ ଯୋଗାଣ ଲାଗି ଦାବି କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଭୟ କଲେ ବଢିବ....

ଶକ୍ତି କମିବ ଏବଂ କରୋନା ଅଧିକ ଆକ୍ରାମକ ହୁଏ ବୋଲି ମାନସିକ ରୋଗ ବିଶେଷଜ୍ଞ ସାରଦା ସ୍ୱାଇଁ । ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ କରୋନା ସଚେତନତା କାର୍ଯ୍ୟକ୍ରମରେ ଡା. ସ୍ୱାଇଁ କହିଛନ୍ତି ଯେ ଆଦୌ ଭୟ ନକରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରନ୍ତୁ। ଏହାସହ ନିଜକୁ ବିଭିନ୍ନ କାମରେ ନିୟୋଜିତ କରନ୍ତୁ, ଶାରୀରିକ ପରିଶ୍ରମ କରିବାକୁ ସେ ପରାମର୍ଶ ଦେଇଛନ୍ତି। କରୋନା ରୋଗୀମାନେ ଡାକ୍ତରୀ ଔଷଧ ସହ ଯୋଗ, ପ୍ରାଣାୟମ, ୱାକିଂ ମଧ୍ୟ କରିବା ଉଚିତ। ମାନସିକ ରୋଗୀ କରୋନା ଆକ୍ରାନ୍ତ ହେଲେ ଉଭୟ ଔଷଧ ଖାଇପାରିବେ । ଏକା ସାଙ୍ଗରେ କରୋନା ପାଇଁ ଔଷଧ ଓ ମାନସିକ ରୋଗ ପାଇଁ ଔଷଧ ଖାଇପାରିବେ। ମାନସିକ ରୋଗୀ ମଧ୍ୟ ଟିକା ନେଇପାରିବେ ବୋଲି ଡା. ସ୍ୱାଇଁ ସୂଚନା ଦେଇଛନ୍ତି।

୧୫ ଦିନରେ ବାହାରିଲା....

ପ୍ରକାଶ କରିବା ଓଡ଼ିଶା ଲୋକସେବା ଆୟୋଗ ପାଇଁ ଏକ ବଡ଼ ଆହ୍ୱାନ ଥିଲା । ଏଣୁ ଏହି ପରୀକ୍ଷାକୁ କମ୍ପ୍ୟୁଟର ମାଧ୍ୟମରେ କରିବାକୁ ଆୟୋଗ ବିଧିବଦ୍ଧ ପ୍ରସ୍ତାବ ନେଇଥିଲା । ଓଡ଼ିଶା ଡାକ୍ତରୀ ସେବା ନିଯୁକ୍ତି ନିୟମ ଅନୁଯାୟୀ ଲିଖିତ ପରୀକ୍ଷାର ନମ୍ବର (ଯାହାର ଗୁରୁତ୍ୱ ଶତକଡ଼ା ୭୦ ଭାଗ) ଏବଂ କ୍ୟାରିୟର (ଗୁରୁତ୍ୱ ଶତକଡ଼ା ୩୦ ଭାଗ) ଆଧାରରେ ମେଧା ନିର୍ଦ୍ଧାରଣ କରାଯିବାର ବ୍ୟବସ୍ଥା ଅଛି । ବର୍ତମାନ ଲୋକସେବା ଆୟୋଗରେ ଯେ କୌଣସି ପରୀକ୍ଷା ସମ୍ବନ୍ଧୀୟ ଯାବତୀୟ ପ୍ରକ୍ରିୟା ଯଥା-ଆବେଦନ, ଏଡ୍‌ମିଟ୍ କାର୍ଡ ପ୍ରେରଣ, ପରୀକ୍ଷା କେନ୍ଦ୍ର ଚୟନ, ପରୀକ୍ଷା ଫଳ ନିର୍ଦ୍ଧାରଣ ଏବଂ ପ୍ରାର୍ଥୀଙ୍କ ନାମ ସୁପାରିଶ ସମସ୍ତ କାର୍ଯ୍ୟ ସିଏସ୍‌ଏମ୍‌ଏସ୍ ସଫଫେୟାର ମାଧ୍ୟମରେ ଅନ୍‌ଲାଇନ୍ ରେ ହୋଇପାରୁଅଛି । ପରୀକ୍ଷା ହେବାର ମାତ୍ର ୧୫ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରି ଓଡ଼ିଶା ଲୋକସେବା ଆୟୋଗ ଏହାର ପରୀକ୍ଷା ପଦ୍ଧତିରେ ଅଣାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପର ଏକ ନମୁନା ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ କୋଭିଡ୍ ପରିପ୍ରେକ୍ଷୀରେ ଆବଶ୍ୟକ ଥିବା ଡାକ୍ତରୀ ପଦବୀ ଖୁବ୍ ଶୀଘ୍ର ପୂରଣ କରବାରେ ସକ୍ଷମ ହୋଇଥିବାରୁ ଏହା ଆୟୋଗର ରାଜ୍ୟ ପ୍ରତି ପ୍ରତିଶ୍ରୁତିବଦ୍ଧତା ବେଶ୍ ପ୍ରତିପାଦନ କରିଛି । ଏହି ମେଧା ତାଲିକାରେ ଥିବା ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ଅରିଜିନାଲ ସାର୍ଟିଫିକେଟ୍ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯାଂଚ କରିସାରିଲା ପରେ ସରକାର ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ। ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ୭୮୬ ଜଣ ଡାକ୍ତରଙ୍କ ନାମ ନିଯୁକ୍ତି ପାଇଁ ସୁପାରିଶ କରାଯାଇଛି। ଚୂଡାନ୍ତ ଫଳ ଓପିଏସ୍‌ସିର ୱେବ୍‌ସାଇଟ୍ http://opsc.gov.in ରେ ଉପଲବ୍ଧ ହେବ । ଆବେଦନ ତାରିଖ ପାଇଁ ଏକ ମାସ ସମୟ ଦେବା ପରେ ୨୮ ଏପ୍ରିଲ୍ ୨୦୨୧ ତାରିଖରେ ନିଯୁକ୍ତି ପରୀକ୍ଷା ୧୫ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା । ୧୪୯୧ ଜଣ ପ୍ରାର୍ଥୀ ଏହି ପରୀକ୍ଷା ଦେଇଥିଲେ ।

ଧୈର୍ଯ୍ୟ ଓ ଉତ୍ସାହ ସଂଚାର କରନ୍ତୁ ଓ ନିଜ ଶକ୍ତିକୁ ଲୋକଙ୍କ ସେବାରେ ଲଗାନ୍ତୁ : ଶ୍ରୀଶ୍ରୀ ରବିଶଙ୍କର

ନୂଆଦିଲ୍ଲୀ, ୧୨ ମଇ (ହି.ସ.) ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ବୁଧବାର ଦିନ କହିଛନ୍ତି ଯେ ବର୍ତମାନ ସମୟରେ ନିର୍ବଳର ବଳ ରାମ ଉପରେ ଆମର ବିଶ୍ୱାସର ପରୀକ୍ଷା ହେଉଛି । ଆମକୁ ବର୍ତମାନ ଧୈର୍ଯ୍ୟ ଓ ଉତ୍ସାହ ସଂଚାର କରିବା ସହ କରୁଣାର ଭାବକୁ ଜାଗ୍ରତ କରି ସେବା କାମ କରିବା ଉଚିତ। କରୋନା ମହାମାରୀ ସମୟରେ ସକାରତ୍ମକତାର ବାର୍ତା ଦେଇ ସେ ଏହା କହିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚେଷ୍ଟାରେ ୧୧ରୁ ୧୫ ମଇ ଯାଏ କରୋନା ମହାମାରୀ ସମୟରେ ସକାରାତ୍ମକ ବାର୍ତା ପ୍ରଦାନ କରିବାକୁ ଆୟୋଜିତ ଏହି ବ୍ୟଖ୍ୟାନ ମାଳା ଆରମ୍ଭ କରା ଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ରବିଶଙ୍କର, ଶିଳ୍ପପତି ଅଜିମ ପ୍ରେମଜୀ ଓ ସାମାଜିକ କର୍ମୀ ନିବେଦିତା ଭିଡେ ଉଦବୋଧନ ଦେଇଥିଲେ ।

ନିଶିଗନ୍ଧା ସାହିତ୍ୟ ସଂସଦର ଦ୍ୱିତୀୟ ଆଲୋଚନା ଚକ୍ର

ଖୋର୍ଦ୍ଧା,୧୨/୦୫ (ନି.ପ୍ର): ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ନିଶିଗନ୍ଧା ସାହିତ୍ୟ ସଂସଦ ଖୋର୍ଦ୍ଧା ଆନୁକୂଲ୍ୟରେ ଦ୍ୱିତୀୟ ସାରସ୍ୱତ ଆଲୋଚନା ଚକ୍ର ଗୁଗୁଲମିଟ୍ ମାଧ୍ୟମରେ ଅନୁଷ୍ଠାନର ସଭାପତି ଡ. ରଜନୀରଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସରସ୍ୱତ ଆଲୋଚନାଚକ୍ରକୁ ଉଦ୍ଘାଟନ କରିଥିଲେ ମାନ୍ୟବର ଓ ଶ୍ରୀ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରରକାନ୍ତି ବେହେରା । ପ୍ରତିଷ୍ଠାତା ବଳରାମ ତରାଇ ସୂଚନା ପ୍ରଦାନ ପରେ ଡ. ଗୀତାଶ୍ରୀ ପ୍ରିୟାମ୍ବଦା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତନ ଅର୍ଥନ୍ତ୍ରୀ ସ୍ତମ୍ଭକାର ଶ୍ରୀ ପଞ୍ଚାନନ କାନନ୍‌ଗୋ ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବରେ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଡ. ସୁବ୍ରତ ପୃଷ୍ଟି ରାଜନୈତିକ ପୃଷ୍ଠଭୂମିରେ ସାହିତ୍ୟ ଏବଂ ଅନ୍ୟତମ ଅତିଥି ଡ. କୁଳମଣି ଓଝା ଆଧୁନିକ କବିତାର ଦିଗ ଓ ଦିଗନ୍ତ ଉପରେ ବିସ୍ତୃତ ତଥା ସାରଗର୍ଭକ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଯୁଦ୍ଧିଷ୍ଠିର ମୁଦୁଲି । ପରିଶେଷରେ ସଭାପତି ଡ. ରଜନୀରଞ୍ଜନ ଅଭିଭାଷଣ ପ୍ରସଙ୍ଗରେ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ପରିଶେଷରେ କୈଳାଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କଲାପରେ ସଭାଭଙ୍ଗ ହୋଇଥିଲା ।

୨୪ ଘଣ୍ଟାରେ ୧୯,୮୩,୮୦୪ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୧୨/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ,, ୧୯,୮୩,୮୦୪ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୩୦,୭୫,୮୩,୯୯୧ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି।

ରାଜସ୍ଥାନରେ ୨୪ ଘଂଟାରେ ୧୬,୩୮୪ ନୂଆ ମାମଲା

ଜୟପୁର,୧୨/୦୫ (ନି.ପ୍ର): ରାଜସ୍ଥାନରେ ଗତ ୨୪ ଘଂଟାରେ ୧୬,୩୮୪ ନୂଆ କରୋନାର ମାମଲା ସାମନାକୁ ଆସିଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୨,୦୯,୧୧୦ହୋଇ ଯାଇଛି ।

୨୪ ଘଂଟାରେ ୮୫୪୭ କରୋନା ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ରାଜ୍ୟରେ ଆଜି ୮୫୪୭ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୭୩ ହଜାର ୬୮୦ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୬୫ ଓ କଟକ ଜିଲ୍ଲାରୁ ୫୯୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସୁନ୍ଦରଗଡ଼ ଜିଲ୍ଲାରେ ଆଜି ୫୯୧ ଜଣ, ସମ୍ବଲପୁରରେ ୫୧୮, ନୂଆପଡ଼ାରେ ୪୧୧, ପୁରୀରେ ୪୦୨, ଭଦ୍ରକରେ ୩୫୦, ଅନୁଗୁଳରେ ୩୪୨, ରାୟଗଡ଼ାରେ ୩୩୭, ଝାରସୁଗୁଡ଼ାରେ ୩୨୫, ବଲାଙ୍ଗୀରରେ ୩୦୫, ନବରଂଗପୁରରେ ୨୬୪ ସୁସ୍ଥ ହୋଇଛନ୍ତି । ସେହିପରି ସୁବର୍ଣ୍ଣପୁରରୁ ୧୭୩ ଜଣ, ଜଗତସିଂହପୁରରୁ ୧୪୫ ଜଣ, କେନ୍ଦ୍ରାପଡ଼ାରୁ ୧୩୩ ଜଣ, ଗଜପତିରୁ ୧୨୩ ଜଣ, କେନ୍ଦୁଝରରୁ ୧୦୩ ଜଣ, ଢେଙ୍କାନାଳରୁ ୮୯ ଜଣ, କନ୍ଧମାଳରୁ ୫୯ ଜଣ, ଦେବଗଡ଼ରୁ ୫୫ ଜଣ, ମାଲକାନଗିରିରୁ ୪୬ ଜଣ, ବୌଦ୍ଧରୁ ୩୫ ଜଣ ଓ ରାଜ୍ୟ ପୁଲରୁ ୨୫୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ରାଜଧାନୀରେ ବଢୁଛି ସଂକ୍ରମଣ : ୨୪ ଘଂଟାରେ ୧୨୯୪ ପଜିଟିଭ୍

ଭୁବନେଶ୍ୱର,୧୨/୦୫(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଆଉ ୧୨୯୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୭୦୬୬ କୁ ବୃଦ୍ଧି ପାଇଛି। ସେଥିରୁ ୧୬୩ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୧୩୧ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୮୦୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୬୨ ଜଣ ରହିଛନ୍ତି । ସେହିଭଳି ପଟିଆରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଡ଼ଗଡ଼ରୁ ୪୬ ଜଣ, ଜଗମୋନହ ନଗରରୁ ୪୪ ଜଣ, ପୁରୁଣା ଭୁବନେଶ୍ୱରରୁ ୪୨ ଜଣ, ରସୁଲଗଡ଼ ଓ ଲକ୍ଷ୍ମୀସାଗରରୁ ୩୬ ଜଣ ଲେଖାଏଁ, ଚନ୍ଦ୍ରଶେଖରପୁରରୁ ୩୪, ବରମୁଣ୍ଡାରୁ ୩୪, ମଂଚେଶ୍ୱରରୁ ୩୨, ସୁନ୍ଦରପଦାରୁ ୩୧ , ଝାରପଦାରୁ ୩୧, ଡୁମଡୁମାରୁ ୨୮ ଆକ୍ରାନ୍ତ ରହିଛନ୍ତି। ସେହିପରି ନୟାପଲ୍ଲୀରୁ ୧୨,ଜଣ, ଡୁମଡୁମାରୁ ୯, ଲକ୍ଷ୍ମୀସାଗରରୁ ୮ , ଚନ୍ଦ୍ରଶେଖରପୁରରୁ ୭ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୭୦୬୬ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୪୫୫୮୧ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୧୧୭୮ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୮୬ ରହିଛି।

ତାଲାବନ୍ଦରେ ପ୍ରଭାବିତ ଟ୍ୟାକ୍ସି ଓ ଅଟୋ ଚାଳକ : ସରକାରୀ ସହାୟତା ପାଇଁ ଗୁହାରି

ବାଲେଶ୍ୱର,୧୨/୦୫ (ନି.ପ୍ର): ଦ୍ୱିତୀୟ ଲହର କରୋନା ସଂକ୍ରମଣ ରୋକିବା ପାଇଁ ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ଗତ ଦୁଇ ସପ୍ତାହ ଧରି ତାଲାବନ୍ଦ ଜାରି ରହିଥିବା ବେଳେ ଏହାର ପ୍ରଭାବ ବିଭିନ୍ନ ବର୍ଗର ଲୋକଙ୍କ ଉପରେ ଅନୁଭୂତ ହେବାରେ ଲାଗିଛି। ତେବେ ବାଲେଶ୍ୱରରେ ଅନ୍ୟାନ୍ୟ ବର୍ଗଙ୍କ ତୁଳନାରେ ଅଟୋ ଓ ଟ୍ୟାକ୍ସି ଚାଳକଙ୍କ ଅବସ୍ଥା ଅତ୍ୟନ୍ତ ଦୁର୍ବିସହ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଇଛି। ସମ୍ପ୍ରତି ସରକାରଙ୍କ ଲକଡାଉନ ମାର୍ଗଦର୍ଶିକାରେ ଟ୍ୟାକ୍ସି ଓ ଅଟୋ ଚଳାଚଳ ବନ୍ଦ ରହିଥିବା ବେଳେ କେବଳ ଡାକ୍ତରଖାନା ଓ କୋଭିଡ କେନ୍ଦ୍ରକୁ ରୋଗୀଙ୍କୁ ନେବା ଆଣିବା ପାଇଁ ୨୦ ପ୍ରତିଶତ କାଁ ଭାଁ ଚାଲୁଥିବା ଚାଳକମାନେ କହିଛନ୍ତି। ପୂର୍ବରୁ ବାଲେଶ୍ୱରରେ ଶତାଧିକ ଅଟୋ ଥିବା ବେଳେ ପାଖାପାଖି ଶହେ ଟ୍ୟାକ୍ସି ଚଳାଚଳ କରୁଥିଲା। ଏବେ ୮୦ ପ୍ରତିଶତ ଘରେ ବସି ରହିବା ଫଳରେ କରିଥିବା ଋଣ ସୁଝିବାକୁ ଚିନ୍ତା ଘାରିଛି ସମସ୍ତଙ୍କୁ। ଅନ୍ୟପକ୍ଷରେ ବ୍ୟାଙ୍କରୁ ନୋଟିସ ଆସିବା ସହ ପ୍ରତିନିଧିମାନେ ଧାର୍ଯ୍ୟ ସମୟରେ କିସ୍ତି ପାଇଁ ଘରେ ପହଞ୍ଚି ଯିବେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ପରିବାର ଚଳାଇବା ଓ ବ୍ୟାଙ୍କ ଋଣ ସୁଝିବା ମୁସ୍କିଲ ହୋଇପଡ଼ିଛି। ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଅଟୋ ଓ ଟ୍ୟାକ୍ସି ଚାଳକଙ୍କୁ କିଛି କିଛି ସରକାରୀ ସହାୟତା ପ୍ରଦାନ ପାଇଁ ସେମାନେ ଗୁହାରୀ କରିଛନ୍ତି।

ଗୋଟିଏ ଦିନରେ ୧୦୯୮୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୯୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୬୫୬୪୮ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୬୫୧୩୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୮୨୩୦ ରହିଛି। ଆଜି ଚିହ୍ନଟ ହୋଇଥିବା ୧୦୯୮୨ ଜଣଙ୍କ ମଧ୍ୟରୁ ୬୧୪୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୮୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୩୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨

ବାଲେଶ୍ୱର, ଗୁରୁବାର, ୧୩ ମଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୧୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୧୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୨୩୨ ହୋଇ ଯାଇଛି । ଗତକାଲି କରୋନାରେ ରାଜ୍ୟରେ ୧୮ ଜଣଙ୍କ ଜୀବନ ଯାଇଥିଲା । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଓ ଖୋର୍ଧା ଜିଲ୍ଲାରୁ ୩-୩ ଜଣ, କଳାହାଣ୍ଡି, ନୂଆପଡା ଓ ସୁନ୍ଦରଗଡରୁ ୨-୨ ଜଣ ମୃତ୍ୟୁ ବରଣ କରିଥିବା ବେଳେ ବୌଦ୍ଧ, ବାଲେଶ୍ୱର, ଢେଙ୍କାନାଳ, ଗଂଜାମ ଓ ପୁରୀ ଜିଲ୍ଲାରୁ ଜଣେ ଲେଖାଏ କରୋନା ଆକ୍ରାନ୍ତ ମୃତ୍ୟୁ ବରଣ କରିଛନ୍ତି । ଅନୁଗୁଳ ଜିଲ୍ଲାର ଜଣେ ୭୫ ବର୍ଷୀୟା କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ସେହିପରି ଏହି ଜିଲ୍ଲାର ଜଣେ ୮୯ ବର୍ଷୀୟ ପୁରୁଷ, ଜଣେ ୫୬ ବର୍ଷୀୟ ପୁରୁଷ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ, ଜଣେ ୫୮ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ଓ ବୌଦ୍ଧ ଜିଲ୍ଲାର ଜଣେ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଢେଙ୍କାନାଳ ଜିଲ୍ଲାର ଜଣେ ୪୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ତଥା ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି କଳାହାଣ୍ଡି ଜିଲ୍ଲାର ଜଣେ ୫୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ତଥା ଅନ୍ୟ ଜଣେ ୩୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପ କ୍ଷରୁ ସୂଚନା ଦିଆ ଯାଇଛି । ଖୋର୍ଧା ଜିଲ୍ଲାର ଜଣେ ୫୫ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ଜଣେ ୬୧ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତ, ଏହି ଜିଲ୍ଲାର ଅନ୍ୟ ଜଣେ ୪୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୬୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡର ଜଣେ ୩୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ତଥା ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

କଲମରେ ଚିତ୍ର ଆଙ୍କି ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଶିଳ୍ପୀ

ବାରିପଦା/ବେତନଟି,୧୨/୦୫ (ନି.ପ୍ର): ପ୍ରଖ୍ୟାତ ସାରସତ୍ୱ ସାଧକ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପର୍ଣ୍ଣ ସାହିତ୍ୟିକ ପଦ୍ମଭୂଷଣ ମନୋଜ ଦାସଙ୍କର ବିୟୋଗରେ ଭିନ୍ନ ଧରଣର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିବାର ଜଣା ଯାଇଛି । ମନୋଜ ଦାସ ଆଜି ଆମ ଆମ ଗହଣରେ ନାହାଁନ୍ତି ସତ କିନ୍ତୁ ଏହି ମହାନ ବ୍ୟକ୍ତିତ୍ୱଙ୍କୁ ରାଜ୍ୟବାସୀ ଚିର ଦିନ ପର୍ଯ୍ୟନ୍ତ ମନେ ରଖିବେ । ସାହିତ୍ୟିକ ପଦ୍ମଭୂଷଣ ମନୋଜ ଦାସଙ୍କ ଅକାଳ ବିୟୋଗ ରାଜ୍ୟବାସୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ମନୋଜ ଦାସଙ୍କୁ ନିଆରା ଢଙ୍ଗରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ଚିତ୍ରକର ସମରେନ୍ଦ୍ର । ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଆଗଡା ଗ୍ରାମର ଚିତ୍ରକର ପୂର୍ବରୁ ମହାପୁରୁଷ ତଥା ଓଡ଼ିଶାର ବରପୁତ୍ର ମାନଙ୍କର ଚିତ୍ର କେତେବେଳେ ଗଛର ବକଳରେ ତ, ଆଉ କେତେବେଳେ କାଗଜର ଅଦରକାରି ପେଟି, ପୁଣି କେତେବେଳେ ନଡ଼ିଆ ଖୋଳରେ ନିଆରା ଚିତ୍ର ଆଙ୍କି ବିଭିନ୍ନ ସମୟରେ ଚାର୍ଚ୍ଚରେ ରହିଆସିଛନ୍ତି । ତେବେ ପଦ୍ମଭୂଷଣ ମନୋଜ ଦାସଙ୍କ ଚିତ୍ର ଏକ କଲମ ଦେହରେ ଆଙ୍କି ନିଆରା ଢଙ୍ଗରେ ଶ୍ରଦ୍ଧାଞ୍ଜଳି ଜଣାଇ ଚର୍ଚ୍ଚାକୁ ଆସିଛନ୍ତି । ଏକ୍ରିଲିକ୍ କଲର ଆଉ ତୁଳି ସାହାଯ୍ୟରେ ଖୁବ କମ ସମୟ ମଧ୍ୟରେ ସମରେନ୍ଦ୍ର ଏହି ଚିତ୍ର ଆଙ୍କିଛନ୍ତି । ୫ ଇଞ୍ଚର ପେନରେ ସାହିତ୍ୟିକ ପଦ୍ମଭୂଷଣ ମନୋଜ ଦାସଙ୍କ ପୁରା ଚିତ୍ର ଆଙ୍କି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଚିତ୍ରକର ସମରେନ୍ଦ୍ର ।

ଭୁବନେଶ୍ୱରରେ ନିରାଶ୍ରୟଙ୍କୁ ଖାଦ୍ୟ ବଣ୍ଟନ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ରାଜ୍ୟରେ ଲକଡାଉନ ପ୍ରଭାବରେ ରାଜଧାନୀ ଭୁବନେଶ୍ୱରରେ ଦିନମଜୁରିଆ, ଭିକ୍ଷାବୃତି କରୁଥିବା ଲୋକ ଓ ନିରାଶ୍ରୟମାନେ ଅତ୍ୟଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ସେମାନଙ୍କ କ୍ଷୁଧା ମେଣ୍ଟାଇବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ରାଜୀବ ପଟ୍ଟନାୟକ ସାହାଯ୍ୟର ହାତ ବଢ଼ାଇଛନ୍ତି । ଲକଡାଉନ ଆରମ୍ଭରୁ ଶିଶୁଭବନ ଛକଠାରୁ ବାଣୀବିହାର, ରାଜମହଲ ଛକଠାରୁ ଏଜି ଛକ ଦେଇ ଆଚାର୍ଯ୍ୟ ବିହାର, ଜୟଦେବ ବିହାର ଠାରୁ ପାୱାର ହାଉସ ଛକ ରାସ୍ତାରେ ଦିନମଜୁରିଆ ଓ ଭିକ୍ଷାବୃତି କରୁଥିବା ନିରାଶ୍ରୟ ଲୋକଙ୍କୁ ପ୍ରତ୍ୟେକ ଦିନ ଖାଦ୍ୟ ବଣ୍ଟନ କରାଯାଉଛି । ଏହି କ୍ରମରେ ବୁଧବାର ଦିନ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ସହଯୋଗରେ ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଖାଦ୍ୟ ବଂଟନ ପ୍ରକ୍ରିୟା ଜାରି ରହିଛି । ଶ୍ରୀ ଦାଶ ସୂଚନା ଦେଇ କହିଛନ୍ତି ରାଜୀବଙ୍କ ଏହି ପଦକ୍ଷେପ ସ୍ୱାଗତ ଯୋଗ୍ୟ । ସରକାରୀ କୋଭିଡ ନିର୍ଦ୍ଦେଶାବଳୀ ଅନୁଯାୟୀ ଗ୍ଲୋବ୍ସ-ମାସ୍କ ବ୍ୟବହାର, ସ୍ୱଚ୍ଛତା ଅବଲମ୍ବନ ସହ ସାମାଜିକ ଦୁରତା ରକ୍ଷାକରି ଖାଦ୍ୟ ବଂଟନ କରାଯାଉଛି । ରାଜୀବ ପଟ୍ଟନାୟକ ବ୍ୟକ୍ତିଗତ ଉଦ୍ୟମରେ ପ୍ରତିଦିନ ୪୦୦-୫୦୦ ଗରୀବ ଶ୍ରେଣୀୟ ଲୋକଙ୍କ କ୍ଷୁଧା ନିବାରଣ ହୋଇପାରୁଛନ୍ତି । ଏହି ଖାଦ୍ୟ ବଂଟନ ପ୍ରକ୍ରିୟାରେ ଅନ୍ୟମାନଙ୍କ ମଧ୍ୟରେ ମୋହନ ଜେନା, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ଗୋପନ ମାର୍ଥା, ରୋହିତ ସାମଲ, ମନୋରଞ୍ଜନ ପୃଷ୍ଟି, ବିକାଶ ମହାନ୍ତି ଏବଂ ଅନ୍ୟ ଯୁବ ବନ୍ଧୁ ମାନେ ସହଯୋଗ କରୁଛନ୍ତି ।

ମୁଖ୍ୟ ଚିକିତ୍ସାଳୟ ଟିକାକେନ୍ଦ୍ରରେ ଅଭାବନୀୟ ସ୍ଥିତି

ମହଜୁଦ ୧୭୦ ଡୋଜ୍ ପାଇଁ ଭିଡ଼ ଲଗାଇଲେ ୫ଶହ

ବାଲେଶ୍ୱର,୧୨/୦୫ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଚାଲିଥିବା ବେଳେ କୋଭିଡ ଟିକା ସଂଜୀବନୀ ସଦୃଶ ହୋଇଛି । ତେବେ ଆବଶ୍ୟକ ଭେକ୍ସିନ ଅଭାବରୁ ଏବେ ଓଡ଼ିଶାର ପ୍ରାୟ ପ୍ରତିଟି କେନ୍ଦ୍ରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ୨ ଗୋଟି କେନ୍ଦ୍ରରେ ବୁଧବାର ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା । ଏହି ଦୁଇ କେନ୍ଦ୍ରରେ ୧୭୦ ପାନ ମହଜୁଦ ଥିବାବେଳେ ୫ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟିକା ନେବାକୁ ଭିଡ଼ ଜମାଇଥିଲେ । ଲୋକଙ୍କ ମଧ୍ୟରେ ଠେଲାପେଲା ସ୍ଥିତି ଦେଖି ଟିକା ପ୍ରଦାନକାରୀ କର୍ମଚାରୀମାନେ କିଛି ସମୟ ପାଇଁ ଟିକାକରଣ ବନ୍ଦ କରିଦେଇଥିଲେ । ଖବର ପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦ୍ଦେବ ସେଠାରେ ପହଞ୍ଚି ମହଜୁଦ ଟିକାର ସ୍ଥିତି ଅନୁଧ୍ୟାନ ସହ ଲୋକଙ୍କୁ ବୁଝାସୁଝା କରି ସୀମିତ ବ୍ୟକ୍ତିଙ୍କୁ ଟିକା ଦେବାର ବ୍ୟବସ୍ଥା କରିଥିଲେ । ଅନ୍ୟପକ୍ଷରେ ବୁଧବାର ଗୋଟିଏ ଦିନରେ ୮୩ ଗୋଟି କେନ୍ଦ୍ରରେ ମୋଟ ୧୭୭୦ଜଣ ଟିକା ନେଇଥିବା ବିଭାଗୀୟ ସୂତରୁ ଜଣାପଡ଼ିଛି । ଏଯାବତ ଜିଲାରେ ମୋଟ ୪ଲକ୍ଷ ୧୪ହଜାର ୯୮୩ ଜଣ ଟିକା ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ ଲକ୍ଷ ୨୫ ହଜାର ୩୭୬ ଜଣ ପ୍ରଥମ ପାନ ଓ ୮୯ ହଜାର ୬୦୭ ଜଣ ଦ୍ୱିତୀୟ ପାନ ଟିକା ନେଇଛନ୍ତି । ତନ୍ମଧ୍ୟରୁ ୧ଲକ୍ଷ ୭୧ ହଜାର ୧୪୬ ଜଣ ପୁରୁଷ, ୧ଲକ୍ଷ ୫୪ ହଜାର ୧୯୩ ଜଣ ମହିଳା ଏବଂ ୩୭ ଜଣ ତୃତୀୟ ଲିଙ୍ଗୀ ଅଛନ୍ତି । ସେହିଭଳି ୧,୫୯,୩୧୫ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟିକା ନେଇଥିବା ବେଳେ ୪୫ରୁ ୬୦ବର୍ଷ ମଧ୍ୟରେ ୧,୪୯,୩୧୦ଜଣ; ୩୦ରୁ ୪୫ ବର୍ଷ ମଧ୍ୟର ୧୨,୦୬୭ ଏବଂ ୧୮ରୁ ୩୦ବର୍ଷ ମଧ୍ୟରେ ୪୬୭୬ଜଣ କୋଭିଡ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀ ଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ବଢୁଥିବା କରୋନା ସଂକ୍ରମଣ ରୋକିବା ପାଇଁ ଟିକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି ।

୧୪୦ ଲିଟର ଦେଶୀ ମଦ ଜବତ୍ : ୬ ଗିରଫ

ଜଳେଶ୍ୱର,୧୨/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଅବକାରୀ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ୧୪୦ ଲିଟର ଦେଶୀ ମଦ ସହିତ ୬ଜଣଙ୍କୁ ଗିରଫ କରାଯାଇଛି । ବାଣିଦା, ଚାଲନ୍ତି, ଶାସନବାର୍ଡ, ନାମ୍ପୋ, ଦେଉଳା, କଟୁଆଡି ପ୍ରଭୃତି ସ୍ଥାନରେ ଚଢାଉ କରାଯାଇ ରାଜେନ୍ଦ୍ର ମାହାର, ନିଗମଗୁରୁ ଦତ୍ତ, ବଂଶୀଧର ମହାନ୍ତି ପ୍ରମୁଖଙ୍କ ସହିତ ମୋଟ ୬ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ ଅବକାରୀ ଓଆଇସି ଦେବେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ରାଜୀବ ଭଂଜ, ବାବାଜୀ ପଣ୍ଡିତ ଓ ଜଳେଶ୍ୱର ଥାନାର କେତେକ ପୁଲିସ୍ କର୍ମଚାରୀ ସାମିଲ ଥିଲେ ।

୫୭ନମ୍ବର ରାଜ୍ୟ ରାଜପଥରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଜଳେଶ୍ୱର,୧୨/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱରସ୍ଥିତି ୫୭ନମ୍ବର ରାଜ୍ୟ ରାଜପଥର ନାମ୍ପୋ ତାଳବଣିଆ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁଘଟିଛି । ଘଟଣାରୁ ପ୍ରକାଶ ମୟୂରଭଂଜ ଜିଲାର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଭାଲିଆପଦା ଗ୍ରାମର କିଶୂନ ମାରାଣ୍ଡି (୨୫) ଓଡି୦୧ଜେଡ୍-୩୧୧୩ ନମ୍ବର ମୋଟର ସାଇକେଲରେ ଚନ୍ଦନେଶ୍ୱର ଅଂଚଳର ଏକ ଚିଙ୍ଗୁଡିଫାର୍ମରେ କାମ କରିବାକୁ ଯାଉଥିଲେ । ଆଜି ବୁଧବାର ଅପରାହ୍ନରେ ତାଳବଣିଆ ନିକଟରେ ଏକ ପିକ୍ଅପ୍ ସାମନାପଟରୁ ଆସି ଧକ୍କା ଦେବା ଫଳରେ ସେ ଗୁରୁତର ହୋଇଥିଲେ । ତାଙ୍କୁ ତୁରନ୍ତ ଜିକେଭଙ୍କର ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଂକୁ ମୃତ୍ୟୁ ଘୋଷଣା କରିଥିଲା । ଜଳେଶ୍ୱର ଥାନାର ଏଏସ୍ଆଇ ପ୍ରଫୁଲ୍ଲ ଅଟବୁଦ୍ଧି ହସ୍ପିଟାଲରେ ପହଞ୍ଚି ଶବବ୍ୟବଚ୍ଛେର ବ୍ୟବସ୍ଥା କରାଇଛନ୍ତି ।

ସୁରକ୍ଷା ପାଇଁ ନରେନ୍ଦ୍ର ପୁଷ୍କରିଣୀ ପରିଦର୍ଶନ କଲେ ଏସ୍ପି

ପୁରୀ,୧୨/୦୫ (ନି.ପ୍ର): ଆସନ୍ତା ୧୫ ତାରିଖରେ ପବିତ୍ର ଅକ୍ଷୟତୃତୀୟା ଅବସରରେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବ । ଚଳିତବର୍ଷ କରୋନା ଯୋଗୁଁ କୌଣସି ଭକ୍ତ ବା ସହରବାସୀ ଯାତ୍ରାରେ ସାମିଲ ହେବେନାହିଁ । ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରର କରୋନା ଗାଇଡ ଲାଇନ ଅନୁଯାୟୀ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି । ନରେନ୍ଦ୍ର ପୁଷ୍କରିଣୀ ନିକଟରେ ୧୪୪ ଧାରା ଲାଗୁ କରାଯିବ । ଏଥିପାଇଁ ଆଜି ଏସପି କେ. ଭିଶାଲ ସିଂ ନରେନ୍ଦ୍ର ପୁଷ୍କରିଣୀ ନିକଟକୁ ଯାଇ ସୁରକ୍ଷା ସଂପର୍କରେ ଅନୁଧ୍ୟାନ କରିଛନ୍ତି । କେତେ ପୁଲିସ ନିୟୋଜିତ ହେବେ, କେଉଁ କେଉଁ ସ୍ଥାନରେ ଜଗି ରହିବେ ସେ ସଂପର୍କରେ ତନ ତନ କରି ଅନୁଧ୍ୟାନ କରିଥିଲେ ।

ମେଡ଼ିକାଲ ଅମ୍ଳଜାନ ଉତ୍ପାଦନକାରୀ ଶିଳ୍ପସଂସ୍ଥାଗୁଡ଼ିକୁ ପ୍ରୋତ୍ସାହନ ନିମନ୍ତେ ଶିଳ୍ପନୀତିରେ ସଂଶୋଧନ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ଦେଶରେ କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହରୀର ସଂକ୍ରମଣ ଏବଂ କୋଭିଡ୍ ଆକ୍ରାନ୍ତଙ୍କ ମଧ୍ୟରେ ଅମ୍ଳଜାନ ଅଭାବଜନିତ ରୋଗୀଙ୍କ ସଂଖ୍ୟାରେ ବୃଦ୍ଧି ଉଦ୍‌ବେଗଜନକ ହୋଇଥିବା ପରିପ୍ରେକ୍ଷୀରେ ରାଜ୍ୟରେ ଅମ୍ଳଜାନ ଉତ୍ପାଦନକାରୀ ଶିଳ୍ପସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିରେ ଶିଳ୍ପନୀତି-୨୦୧୫ରେ ଆବଶ୍ୟକୀୟ ସଂଶୋଧନ କରି ଅନୁପଯୋଗୀ ତାଲିକାରେ ଥିବା ଏହି ଶିଳ୍ପ ସଂସ୍ଥାଗୁଡ଼ିକୁ ସେହି ତାଲିକାରୁ ବାଦ୍‌ଦେଇ ସେଗୁଡ଼ିକୁ ସରକାରୀ ପ୍ରୋତ୍ସାହନଯୋଗ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଫଳରେ ମେଡ଼ିକାଲ୍ ଅମ୍ଳଜାନ ଉତ୍ପାଦନକାରୀ ଶିଳ୍ପସଂସ୍ଥା, ରିଫିଲିଂ ୟୁନିଟ୍ ଏବଂ ଟ୍ୟାଙ୍କର ପ୍ରଭୃତି ପ୍ରାଥମିକତା ତାଲିକାରେ ସ୍ଥାନୀତ ହୋଇଛନ୍ତି । ସରକାରଙ୍କ ଏହି ପଦକ୍ଷେପ ଶିଳ୍ପ ସଂସ୍ଥାଗୁଡ଼ିକୁ ଏ କ୍ଷେତ୍ରରେ ଅଧିକ ଉତ୍ସାହିତ କରିବ ଏବଂ ପ୍ରାଥମିକତା ବର୍ଗର ଶିଳ୍ପସଂସ୍ଥାଗୁଡ଼ିକ ପାଇଁ ରହିଥିବା ସମସ୍ତ ସୁଯୋଗ ଯଥା- ରିହାତି ଦରରେ ଜମି, ଷ୍ଟାମ୍ପ ଶୁଳ୍କ ଛାଡ଼, ବିଦ୍ୟୁତ ଦେୟ ଛାଡ଼, ରାଜ୍ୟ ଦ୍ରବ୍ୟ ଓ ସେବାକର(ସିଜିଏସ୍‌ଟି) ଭରଣା ଆଦି ସୁବିଧା ପାଇପାରିବେ ।

ମାଈ ହାତୀର ମୃତ୍ୟୁ : ମୃତ୍ୟୁର ପ୍ରକୃତ ସ୍ଥାନ ବିଷୟରେ କୌଣସି ସୂଚନା ପ୍ରଦାନ କରାନଯିବାକୁ ନେଇ ପ୍ରଶ୍ନବାଚୀ

ବାରିପଦା,୧୨/୦୫ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ଶିମିଳିପାଳ ଜାତୀୟ ଉଦ୍ୟାନରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିବାର ସୂଚନା ମିଳିଛି । ତେବେ ଶିମିଳିପାଳ ଜାତୀୟ ଉଦ୍ୟାନର ବ୍ରାଘ୍ୟ ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ଡ଼ଃ ଯଜ୍ଞଦତ୍ତ ପତିଙ୍କ ସୂଚନା ଅନୁସାରେ ଗତ ଚାରି ଦିନ ପୂର୍ବରୁ ମାଈ ହାତୀର ଶରୀର ଅସୁସ୍ଥ ହୋଇଥିବା ବେଳେ ସୋମବାର ସକାଳ ଠାରୁ ବନବିଭାଗର ଡାକ୍ତରଙ୍କ ଦ୍ୱାରା ହାତୀଟିର ଚିକିତ୍ସା ଚାଲିଥିଲା । ତେବେ ଚିକିତ୍ସା ଚାଲିଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ମାଈ ହାତୀଟିରର ମୃତ୍ୟୁ ହୋଇଥିବା ଜଣାପଡିଛି । ବିଭାଗୀୟ ସୂଚନା ମୁତାବକ ହାତୀଟିର ବୟସ ୪୫ରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ କିଡନୀ ଦୁର୍ବଳ ହୋଇଥିବା ହେତୁ ମୃତ୍ୟୁ ହୋଇଥିବା ଶିଲିଲିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ଡ଼ଃ ଯଜ୍ଞଦତ୍ତ ପତି ପ୍ରକାଶ କରିଛନ୍ତି । ତେବେ ଏ ସଂକ୍ରାନ୍ତରେ ଉପନିର୍ଦ୍ଦେଶକ ହାତୀ ମୃତ୍ୟୁର ପ୍ରକୃତ ସ୍ଥାନ ରେଞ୍ଜ ଓ ବିଟ ବିଷୟରେ କୌଣଷି ସୂଚନା ପ୍ରଦାନ କରୁନଥିବାରୁ ହାତିମୃତ୍ୟୁକୁ ନେଇ ପରିବେଶବିତ ମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବାର ଦେଖା ଯାଇଥିବା ବେଳେ, ବାରମ୍ବାର ହାରିମୃତ୍ୟୁ ସେମାନଙ୍କୁ ଚିନ୍ତାରେ ପକାଇଥିବାର କହିଛନ୍ତି ।

'ମୋନା'ପକ୍ଷରୁ କୋଭିଡ ରୋଗୀଙ୍କ ପାଇଁ ଅମ୍ଳଜାନ ମାପଯନ୍ତ୍ର ପ୍ରଦାନ

ବାଲେଶ୍ୱର,୧୨/୦୫ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା'ର ବାଲେଶ୍ୱର ଶାଖା ପକ୍ଷରୁ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଜିଲାପାଳଙ୍କୁ ଅମ୍ଳଜାନ ମାପକ (ଅକ୍ସିମିଟର) ବୁଧବାର ପ୍ରଦାନ କରାଯାଇଛି । ଚିକିତ୍ସାଧୀନ କରୋନା ରୋଗୀଙ୍କ ନିୟମିତ ଅମ୍ଳଜାନ ସ୍ତର ମାପିବାରେ ଏହା ବେଶ ସହାୟକ ହେବ ବୋଲି ସଙ୍ଗଠନର କର୍ମକର୍ତ୍ତାମାନେ ଆଶା ପ୍ରକାଶ କରିଛନ୍ତି । ଦିନକୁ ଦିନ ବାଲେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ଏହି ଅମ୍ଳଯାନ ମାପକ ଯନ୍ତ୍ରଗୁଡ଼ିକ ଚିକିତ୍ସା କ୍ଷେତ୍ରରେ ଉପାଦେୟ ହେବ ବୋଲି ସେମାନେ କହିଛନ୍ତି । 'ମୋନା'ର ସଭାପତି ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଉପ-ସଭାପତି ଡ. କ୍ଷିତିଶ୍ୱର ଦାଶ, ଡ. ମାତୃଦତ୍ତ ଦାସ ଓ କାଞ୍ଚନବାଳା ପାତ୍ର, ଉପେନ୍ଦ୍ର ନାଥ ପାତ୍ର ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ଅମ୍ଳଜାନ ମାପକ ଯନ୍ତ୍ରଗୁଡ଼ିକ ପ୍ରଦାନ କରିଥିଲେ । ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ଚିକିତ୍ସା ପାଇଁ ଆବଶ୍ୟକ ଅନ୍ୟାନ୍ୟ ସାମଗ୍ରୀ ବି ପ୍ରଦାନ କରାଯିବ ବୋଲି ମୋନାର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ମୋନାର ଏହି ବଦାନ୍ୟତାକୁ ଜିଲାପାଳ ପ୍ରଶଂସା କରିଥିଲେ ।

ତାଲାବନ୍ଦ ପ୍ରଭାବି